Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଦ୍ୟୁତିକ ଚେତନାର ପ୍ରଥମ ପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.ORISUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ବୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:242✦6 January 2024 (Saturday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୪୨✦୬ ଜାନୁଆରୀ ୨୦୨୪ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆଗାମୀ ନିର୍ବାଚନରେ ଭୋଟ ଦେବେ ୩.୩୨ କୋଟି ଭୋଟର

ଓଡ଼ିଶାରେ ବଢୁଛି ଭୋଟରଙ୍କ ସଂଖ୍ୟା

ଭୁବନେଶ୍ୱର, ୫/୧ (ନି/ପ୍ର): ପାଖେଇ ଆସୁଛି ସାଧାରଣ ନିର୍ବାଚନ । ଏହି ନିର୍ବାଚନକୁ ନେଇ ଏବେ ଅଙ୍କବଷ୍ଟ ଜାରି ରହିଥିବା ବେଳେ ଏବେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଆସନ୍ତା ନିର୍ବାଚନ ପାଇଁ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ରହିଛି ୩.୩୨ କୋଟି । ଚଳିତବର୍ଷ ରାଜ୍ୟର ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦ ଜଣ ନାଗରିକ ଭୋଟ ଦେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଗତ ଥର ଅପେକ୍ଷା ଚଳିତବର୍ଷ ଏହି ତାଲିକାରେ ୧୨ ଲକ୍ଷ ୯୭ ହଜାର ୯୫୪ ଜଣ ନୂଆ ଭୋଟରଙ୍କ ନାମ ସାମିଲ କରାଯାଇଛି । ଏଥିମଧ୍ୟରୁ ଯୁବ ଭୋଟରଙ୍କ ସଂଖ୍ୟା ରହିଛି ୪ ଲକ୍ଷ ୭୬ ହଜାର ୯୬୯ । ସେହିପରି ୭ ଲକ୍ଷ ୧୬ ହଜାର ନାଗରିକ ମଧ୍ୟ ଏହି ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି । ତେବେ ରିପୋର୍ଟ ଅନୁସାରେ, ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ୧ ହଜାର ପୁରୁଷରେ ୯୭୨ ଜଣ ମହିଳା ଭୋଟର ରହିଥିବା ଏହି ତାଲିକାରୁ ଜାଣିବାକୁ ମିଳିଛି । ଏ ନେଇ ଏକ ପ୍ରେସ ମିଅରେ ସୂଚନା ଜାରି କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ।

ରାଜ୍ୟର ୨୧ ସଂସଦୀୟ କ୍ଷେତ୍ରକୁ ଆସିବେ କେନ୍ଦ୍ରୀୟ ନେତା : ଜୟନାରାୟଣ ମିଶ୍ର

ରାଉରକେଲାରେ ବିଜେପିର ବିଭିନ୍ନ ମୋର୍ଚ୍ଚା, ବିଭିନ୍ନ କମିଟି ସହ ବୁଦ୍ଧଦ୍ୱାର ବୈଠକ



ଭୁବନେଶ୍ୱର, ୫/୧(ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ରାଜନେ ?ତିକ ଦଳଗୁଡ଼ିକ ସକ୍ରିୟ ଦେଖାଯାଇଛି । ନେତାମାନେ ଲୋକ ସମର୍ଥନ ସଂଗ୍ରହ କରିବାରେ ବ୍ୟସ୍ତ ରହୁଛନ୍ତି । ଆଗାମୀ ଦିନରେ କେନ୍ଦ୍ରୀୟ ନେତାମାନେ ମଧ୍ୟ ଓଡ଼ିଶା ଗସ୍ତରେ ଆସିବେ । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ୨୧ ସଂସଦୀୟ କ୍ଷେତ୍ରକୁ ୨୧ କେନ୍ଦ୍ର ନେତୃତ୍ୱ ଆସିବେ । ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆସିବେ ।ଶ୍ରୀ ମିଶ୍ର କହିଛନ୍ତି, ୨୦୨୪ ନିର୍ବାଚନ ପାଇଁ ରାଉରକେଲାରେ ବିଜେପି ରଣନୀତି ପ୍ରସ୍ତୁତ କରିଛି । ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ ଏବଂ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ କଂଶଲ ଏଥିରେ ସାମିଲ ହୋଇଛନ୍ତି । ରାଜ୍ୟ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚା ଏବଂ ବିଭିନ୍ନ କମିଟି ସହ ବୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ଉପସ୍ଥିତ । ଆଗାମୀ ରଣନୀତି ନେଇ ଚାଲିଛି ଅଙ୍କବଷ୍ଟ । ସଙ୍ଗଠନ ମଜଭୁତ ଓ ବୁଥ ମ୍ୟାନେଜମେଣ୍ଟ ନେଇ ଆଲୋଚନା ହୋଇଛି । ଦିଲ୍ଲୀରେ ପ୍ରସ୍ତୁତ ହୋଇଥିବା ରୋଡମ୍ୟାପକୁ କାର୍ଯ୍ୟକାରୀ କରିବା ସହ ରାଜ୍ୟ ପଦାଧିକାରୀ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ମନ୍ତ୍ର ଦେଇଛନ୍ତି ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ । ଗତକାଲି (ଗୁରୁବାର) ବିକାଶିତ ଭାରତ ଯାତ୍ରା ବୈଠକ ପରେ ଆଜି (ଶୁକ୍ରବାର) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭିନ୍ନ

ବିଜେଡିରୁ ବହିଷ୍କୃତ ହେଲେ ଜିଲ୍ଲା ଉପଦେଷ୍ଟା

ସସପେଣ୍ଡ ହେଲେ ଦୁଇ ନେତା

ଭୁବନେଶ୍ୱର, ୫/୧(ନି/ପ୍ର): ଆଗକୁ ଆସୁଛି ରାଜ୍ୟ ବିଧାନସଭା ନିର୍ବାଚନ । ସେନେଇ ରାଜ୍ୟରେ ଏବେଠାରୁ ରାଜନୈତିକ ମାହୋଲ ତଳକଟଂକ ହେବାରେ ଲାଗିଥିବା ବେଳେ ରାଜନୈତିକ ଦଳମାନେ ପ୍ରଚାର, ପ୍ରସାର ପାଇଁ ଅଟାଂ ଭିଡ଼ିଲେଣି । ନବୀନ ପଟ୍ଟନାୟଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ପାଇଁ ବିଜେଡି ରଣନୀତି ଫାଇନାଲ୍ କରିସାରିଥିବା ବେଳେ ବିଜେପି ଓ କଂଗ୍ରେସ ଏଥର ସରକାର ଗଠନ କରିବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ତେବେ ଏହା ମଧ୍ୟରେ ବିଜେଡି ଶିବିରରୁ ଆସିଛି ଦୁଇଟି ବଡ଼ ଖବର । ଦଳ ବିରୋଧୀ କାର୍ଯ୍ୟ କାରଣରୁ ବିଜେଡିରୁ ବହିଷ୍କୃତ ହୋଇଛନ୍ତି ସମ୍ବଲପୁର ଜିଲ୍ଲା ଉପଦେଷ୍ଟା ପ୍ରମୋଦ ରଥ । ସମ୍ବଲପୁର ଜିଲ୍ଲା ବିଜେଡି ଉପଦେଷ୍ଟା ପଦରୁ ପ୍ରମୋଦଙ୍କୁ ବହିଷ୍କାର କରାଯାଇଥିବା ନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ନୋଟିସ୍ ଜାରି କରି ସୂଚନା ଦେଇଛନ୍ତି । ଗତ ୪ ତାରିଖରେ ସମ୍ବଲପୁରଠାରେ ଦରିଦ୍ର ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ତେବେ ପ୍ରମୋଦଙ୍କ ବିରୋଧରେ ଦଳବିରୋଧୀ ପ୍ରମାଣ ମିଳିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେହିପରି ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ କାରଣରୁ ଦୁଇଜଣ ନେତାଙ୍କୁ ଦଳରୁ ସସପେଣ୍ଡ କରାଯାଇଛି । କେନ୍ଦୁଝର ଜିଲ୍ଲା, ଘଟଗାଁର ସଞ୍ଜୟ କୁମାର ମିଶ୍ର (ମୁନା) ଓ କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳର ଜିଲ୍ଲା ଉପସଭାପତି କରୁଣା ସାଗର ଖଟୁଆ (ବିପୁ)ଙ୍କୁ ଦଳରୁ ସସପେଣ୍ଡ କରାଯାଇଛି । ଏହି ନିର୍ଦ୍ଦେଶ ବୃଦ୍ଧିତ ଭାବେ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ସୂଚନାଯୋଗ୍ୟ ଯେ, ଦଳ ବିରୋଧୀ କାର୍ଯ୍ୟ କାରଣରୁ ଅତୀତରେ ବିଜେଡି ଅନେକ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।

ଉତରପ୍ରଦେଶରେ ପିଏମ୍ ଶ୍ରୀ ସ୍କୁଲର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ବିଦ୍ୟାଳୟ ଶିକ୍ଷାରେ ନୂଆ କ୍ରାନ୍ତି ଆଣିବ ପିଏମ୍ ଶ୍ରୀ ସ୍କୁଲ : ଧର୍ମେନ୍ଦ୍ର ପ୍ରଧାନ

ଲଖ୍ନୌ, ୫/୧: ବିଦ୍ୟାଳୟ ଶିକ୍ଷାରେ ନୂଆ କ୍ରାନ୍ତି ଆଣିବା ଦିଗରେ ପିଏମ ଶ୍ରୀ ସ୍କୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଗୁରୁବାର ଉତରପ୍ରଦେଶରେ ପିଏମ ଶ୍ରୀ ସ୍କୁଲର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପିଏମ ଶ୍ରୀ ସ୍କୁଲ ଲୋକାର୍ପଣ ଅବସରରେ ୟୁପିବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ୯୨୮ଟି ବିଦ୍ୟାଳୟ ଏବଂ ୮୧ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟକୁ ପିଏମ ଶ୍ରୀ ସ୍କୁଲରେ ବିକଶିତ କରାଯାଇଛି । ବିଦ୍ୟାଳୟରେ ଉନ୍ନତ ଓ ଅତ୍ୟାଧୁନିକ ଭିତ୍ତିଭୂମି ଏବଂ ବିଶ୍ୱମାନର ଶିକ୍ଷା ପ୍ରଦାନ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରମୁଖ ଏଜେଣ୍ଡା । ଏହି ମର୍ମରେ ଉତ୍ତରପ୍ରଦେଶରେ ପିଏମ ଶ୍ରୀ ଅନ୍ତର୍ଗତ ୧୦୦୦ରୁ ଅଧିକ ବିଦ୍ୟାଳୟର ଉନ୍ନତି ଏବଂ ଆଧୁନିକୀକରଣ କରାଯାଇଛି । ପିଏମ ଶ୍ରୀ ସ୍କୁଲ କ୍ରିୟାନ୍ୱୟନ କରିବାରେ ୟୁପିର ଅଗ୍ରଣୀ ଭୂମିକା ପ୍ରଶଂସନୀୟ । ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ହେଉ କିମ୍ବା ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀତି ଗୁଡିକୁ କାର୍ଯ୍ୟକାରୀ କରିବା ଦିଗରେ ଉତ୍ତର ପ୍ରଦେଶ ଏକ ଉଦାହରଣ । ଏହା ଦ୍ୱାରା ସମଗ୍ର ଦେଶର ଆତ୍ମବିଶ୍ୱାସ ବଢୁଛି । ପ୍ରଗତି ଆଜି ଉତ୍ତରପ୍ରଦେଶର ଚରିତ୍ର ହୋଇଛି । ୟୁପିରେ ଛାତ୍ରଛାତ୍ରୀ ଏବଂ ଯୁବକ ଯୁବତୀ ମାନଙ୍କୁ ବିଶ୍ୱମାନର ଶିକ୍ଷା ଉପଲବ୍ଧ କରାଇବା ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଜଡଲ ଲକ୍ଷିନ ସରକାରର ଦାୟିତ୍ୱ ଅଛି । ୟୁପି ମଡେଲ ଆଗାମୀ ଦିନରେ ସମଗ୍ର ଦେଶର ମଡେଲ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟିଛି । ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରର ସ୍ୱପ୍ନ ପୂରଣ ହେଉଛି । ଆଜି ଅଯୋଧ୍ୟା ଭାରତର ବିକାଶ ଏବଂ ସମୃଦ୍ଧିର କେନ୍ଦ୍ର ହୋଇଛି । ଲଖ୍ନୌରେ ୟୁପିର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବା ଅବସରରେ କେନ୍ଦ୍ରମନ୍ତ୍ରୀ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଦକ୍ଷତା ବୃଦ୍ଧି, ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ୟୁପିକୁ ଜ୍ଞାନ ଭିତ୍ତିକ ଅର୍ଥନୀତିର କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ ।

ଦୁଇଟି ଟ୍ରେନ୍ ମଧ୍ୟରେ ଭୟଙ୍କର ଦୁର୍ଘଟଣା

ଟ୍ରାକରୁ ବିଚ୍ଛିନ୍ନ ହେଲା ବଗି, ୩ ମୃତ

ନୂଆଦିଲ୍ଲୀ, ୫/୧: ଇଣ୍ଡୋନେସିଆର ମୁଖ୍ୟ ଦ୍ୱୀପ ଜାଭାରେ ଶୁକ୍ରବାର ଦିନ ଦୁଇଟି ଟ୍ରେନ୍ ଧକ୍କା ହୋଇଛି । ଅଧିକାରୀ କହିଛନ୍ତି ଯେ ଏହି ଦୁର୍ଘଟଣାରେ ଟ୍ରେନ୍ ବଗି ଓଲଟି ପଡିଛି ଯେଉଁଥିରେ ଏପର୍ଯ୍ୟନ୍ତ ତିନି ଜଣଙ୍କର ମୃତ୍ୟୁ ଘଟିଛି । ଜାତୀୟ ରେଳବାଇ ପିଟି କେରେଟା ଏପି ଇଣ୍ଡୋନେସିଆର ମୁଖପାତ୍ର ଆୟେପ ହାନାପୀ କହିଛନ୍ତି ଯେ, ପଶ୍ଚିମ ଜାଭା ବାନ୍ଦୁଙ୍ଗ ସହରର ସିଲ୍ଲେଙ୍ଗକା ଲେକ ଷ୍ଟେସନଠାରୁ ପ୍ରାୟ ୫୦୦ ମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି । ସେ କହିଛନ୍ତି ଯେ ସୁରବାୟା ଠାରୁ ପୂର୍ବ ଜାଭା ପ୍ରଦେଶର ରାଜଧାନୀ ବାନ୍ଦୁଙ୍ଗ ଅଭିମୁଖେ ଯାତ୍ରା କରୁଥିବା ଏକ ଟ୍ରେନ୍ ସିସଲେଙ୍ଗକା ଷ୍ଟେସନରୁ ପାଦରାଲଙ୍ଗ ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ଧକ୍କା ଦେଇଛି । ପଶ୍ଚିମ ଜାଭା ପୋଲିସର ମୁଖପାତ୍ର ଇବ୍ରାହିମ ଟମ୍ପୋ କହିଛନ୍ତି ଯେ, ପ୍ରାୟ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି । ଏହା ଦର୍ଶାଇଛି ଯେ ଅନେକ ଯାନବାହାନ ଓଲଟି ପଡିଛି ଏବଂ କ୍ଷତିଗ୍ରସ୍ତ ହୋଇଛି । ଆମ୍ବୁଲାନ୍ସରେ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଇଛି । ଦୁର୍ଘଟଣାର କାରଣ ଅନୁସନ୍ଧାନ କରାଯାଉଛି ।

ପୁଣି ଅମ୍ବାନୀଙ୍କୁ ପଛରେ ପକାଇଲେ ଆଦାନୀ

ନୂଆଦିଲ୍ଲୀ, ୫/୧: ପୁଣି ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇଲେ ଗୌତମ ଆଦାନୀ । ବ୍ଲୁମବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁସାରେ, ଆଦାନୀ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ପୁଣି ଥରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଭାରତର ସବୁଠୁ ଧନୀ ବ୍ୟକ୍ତି ପାଲଟିଛନ୍ତି । ଅଦାନୀ ବିଶ୍ୱ ରାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୧୨ରେ ସ୍ଥାନ ପାଇଥିବାବେଳେ ଅମ୍ବାନୀ ୧୩ତମ ସ୍ଥାନରେ ରହିଛନ୍ତି । ମୋଟ୍ ? ଆୟ ବୃଦ୍ଧି ସହିତ ଆଦାନୀ ଗ୍ରୁପ୍ ମୁଖ୍ୟ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମଧ୍ୟ ପାଲଟିଛନ୍ତି । ଗତବର୍ଷ ତୁଳନାରେ ଉଭୟ ଆଦାନୀ ଏବଂ ଅମ୍ବାନୀଙ୍କ ସମ୍ପତ୍ତି ୭.୬ ବିଲିୟନ ଡଲାର ବୃଦ୍ଧି ପାଇ ୯୭.୬ ବିଲିୟନ ଡଲାରରେ ପହଞ୍ଚିଛି । ଅପରପକ୍ଷେ, ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୯୭ ବିଲିୟନ ଡଲାର ରହିଛି । ଗତ ୨୪ ଘଟାଂ ମଧ୍ୟରେ ତାଙ୍କ ଆୟ ୬୬୫ ମିଲିୟନ ଡଲାର ବୃଦ୍ଧି ପାଇଛି । ସୂଚନାଯୋଗ୍ୟ, ଜାନୁଆରୀ ୩, ୨୦୨୪ ରେ ଆଦାନୀ-ହିଣ୍ଡେନବର୍ଗ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଗୌତମ ଆଦାନୀଙ୍କ କମ୍ପାନୀର ଶେୟାର ମୂଲ୍ୟ ଦ୍ରୁତ ଗତିରେ ମଜଭୁତ ହୋଇଛି, ଏହି କାରଣରୁ ତାଙ୍କ ବାର୍ଷିକ ଆୟ ବୃଦ୍ଧି ପାଇଛି । ଆଦାନୀ-ହିଣ୍ଡେନବର୍ଗ ମାମଲାରେ ସେବି ଦ୍ୱାରା କରାଯାଇଥିବା ତଦନ୍ତକୁ ସମ୍ପୂର୍ଣ୍ଣ ଅନୁଚିତ ବୋଲି କହି ସୁପ୍ରିମକୋର୍ଟ ମାର୍କେଟ ନିୟାମକ ସେବିକୁ ମୋଟ ୨୪ଟୁ ବାଜି ୨ଟି ମାମଲାର ଯାଚଁ ପାଇଁ ଅତିରିକ୍ତ ୩ ମାସ ସମୟ ଦେଇଛନ୍ତି ।

କଟକରେ ଗଡ଼ିବ ଲକ୍ଷ୍ମୀ ବସ

ମାତ୍ର ୫ ଟଙ୍କାରେ ମିଳିବ ଟିକେଟ

କଟକ, ୫/୧ (ନି/ପ୍ର): କଟକବାସୀଙ୍କ ପାଇଁ ଆସିଛି ଖୁସିର ଖବର । କଟକରେ ଖୁବ ଶୀଘ୍ର ଆରମ୍ଭ ହେବାକୁ ଲକ୍ଷ୍ମୀ-ବସ । ଆଜି ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଆଜି କଟକରେ ପହଞ୍ଚି ଏହି ଘୋଷଣା କରିଛନ୍ତି । ବାଲିଯାତ୍ରା ପଡ଼ିଆରେ ପାଣ୍ଡିଆନ ଆଜି ଏହି ସୂଚନା ଦେଇଛନ୍ତି । ତେବେ ଫେବୁଆରୀ ଶେଷ ସୁଦ୍ଧା କଟକରେ ଏହି ସେବା ଆରମ୍ଭ କରାଯିବା ନେଇ ଯୋଜନା ରହିଛି । ତେବେ ଛାତ୍ରଛାତ୍ରୀଙ୍କ ପାଇଁ ବସ ଟିକେଟର ମୂଲ୍ୟ ୫ ଟଙ୍କା ରହିଥିବା ଜଣାପଡ଼ିଛି । ଏହା ସହିତ ପ୍ରତି ଗ୍ରାମ ପଂଚାୟତରେ ମିଶନ ଶକ୍ତି, ବ୍ୟାଙ୍କ ଖୋଲିବା ନେଇ ମଧ୍ୟ କହିଛନ୍ତି ୫-ଟି ଅଧ୍ୟକ୍ଷ । ଏହା ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ଯୋଗାଇ ଦିଆଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି ପାଣ୍ଡିଆନ ।

ଆବଶ୍ୟକ

The Utkal Samachar

www.theutkalsamachar.com

ବୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204, Sec-16,Rourkela

Mob:9692048008

email-utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255816
Email: utkalsamachar@gmail.com, Mob: 9437086122

ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଗୁଆଳି ଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଯୋଡା,୫/୧(ନି/ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ କେନ୍ଦୁଝର ଜିଲ୍ଲା ଗୁଆଳି ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଗୁରୁବାର ଆୟୋଜିତ ହୋଇ ଯାଇଛି ଓ ଏହି ଶିବିରରେ ନିକଟବର୍ତ୍ତୀ କେନ୍ଦୁଡିହି, ପାଣ୍ଡୁଲିପୋଷି, ନୂଆଗାଁ, ଗନ୍ଧଲପଡା, ବରପଦା ସମେତ ଆଖପାଖ ଅଂଚଳର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଏହି ଦିନିକିଆ ଶିବିର କୁ ଯୋଡା ବ୍ଲକ ବିଡିଓ ଅରୁଣିମା ସାହୁ ଉଦଘାଟନ କରିଥିବାବେଳେ ଦୀପକ ବେହେରା, ଚିଫ, ଟାଟା ଷ୍ଟିଲ କଳମଙ୍ଗ ଗନ୍ଧଲପଦା ପ୍ରକଳ୍ପ, ଶୁଭ୍ରାଂଶୁ ଶେଖର ମିଶ୍ର, ହେଡ୍, କଳମଙ୍ଗ, କୁନ୍ଦନ କୁମାର, ହେଡ୍, ଗନ୍ଧଲପଦା, ସୁଚିସ୍ମିତା ଦାସ, ମୁଖ୍ୟ ଚିକିତ୍ସାଧିକାରୀ, ଟାଟା ଷ୍ଟିଲ

ହସ୍ପିଟାଲ, ଯୋଡା, ଗୁଆଳି ସରପଂଚ ବିଦ୍ୟାଧର ନାଏକ, ସମାଜ ସେବୀ କୁଶ ଆପଟ, ପୂର୍ବତନ ସରପଂଚ ଡବର ମୁଣ୍ଡା, ରଥ ମହାକୁଡ, ରାମଚନ୍ଦ୍ର ଦାସ, ସମସ୍ତ ୱାର୍ଡ ର ସଦସ୍ୟ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ଓ ଚର୍ମ ରୋଗ, ମ୍ୟାଲେରିଆ, ଜଣ୍ଡିସ ଏବଂ ଉଚ୍ଚ ରକ୍ତଚାପ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା ମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଓ ସମସ୍ତ ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାଗଣା ଔଷଧ ବଂଟନ କରାଯାଇଥିଲା ଓ ଏତଦବ୍ୟତୀତ ସୁସ୍ଥ ସବଳ ରହିବା ପାଇଁ ଡାକ୍ତର ମାନେ ପରାମର୍ଶ ମଧ୍ୟ ଦେଇଥିଲେ ଓ ମହିଳା ମାନେ ମଧ୍ୟ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସେମାନଙ୍କର ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଓ ଏହି ଶିବିରରେ ମାଗଣାରେ ଡାଇବେଟିସ, ରକ୍ତ ଚାପ ଏବଂ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା ଓ ଏ ଶିବିର ସମ୍ପର୍କରେ ଗନ୍ଧଲପଦା ୱାର୍ଡ ମେମ୍ବର ପ୍ରୀତି ବାର୍ଲା କହନ୍ତି, "ସ୍ୱାସ୍ଥ୍ୟ ସେବା ପ୍ରତି ଟାଟା ଷ୍ଟିଲ ଫାଉଣ୍ଡେସନ ର ଏଭଳି ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ଓ ଏହା ଦ୍ୱାରା ଆଖପାଖ ଅଂଚଳର ବହୁତ ଗ୍ରାମବାସୀ ଉପକୃତ ହୋଇପାରିଛନ୍ତି " ଓ ଗୁଆଳି ଗ୍ରାମ ର ପଦ୍ମା ପାତ୍ର କହନ୍ତି, "ଏଭଳି ଶିବିରର ଆୟୋଜନ ଆମ ଅଂଚଳରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ଓ" ଟାଟା ଷ୍ଟିଲ ଫାଉଣ୍ଡେସନ, ଆମ୍ବୁଲାନ୍ସ ସେବା ସହ ଆଗକୁ ଏଭଳି ଅନେକ ଜନହିତକର ପଦକ୍ଷେପ ନେବାକୁ ଯୋଜନା ରଖିଛି ।

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା

କେନ୍ଦୁଝର ,୫/୧(ନି/ପ୍ର): ଓଡିଶା ସରକାର ଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଆନୁକୂଲ୍ୟରେ ଆଜି କେନ୍ଦୁଝର ଜିଲ୍ଲାର ୧୬୮ଜଣ ବରିଷ୍ଠ ନାଗରିକ ଉଜୟେନ ର ଓଁକାରଶ୍ୱର ଅଭିମୁଖେ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରୁ ଏହି ତୀର୍ଥ ଯାତ୍ରୀଗଣ ଙ୍କୁ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ପିଡିଡିଆରଡିଏ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ଏମଡି ଫିରୋଜ ସ୍ୱାଗତ କରିବା ସହିତ ପୁଷ୍ପ ଗୁଚ୍ଛ ଦେଇ ଶୁଭକାମନା

ଜଣାଇଥିଲେ, ପର୍ଯ୍ୟଟନ ଅଧିକାରୀ ରମେଶ ନାୟକ ଙ୍କ ନେତୃତ୍ୱ ରେ ଏହି ବରିଷ୍ଠ ନାଗରିକ ମାନେ ଆଜି ବାଲେଶ୍ୱର ରେ ଅବସ୍ଥାନ କରି ଆସନ୍ତା କାଲି ରେଳ ଯୋଗେ ଯାତ୍ରାରମ୍ଭ କରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏହି ଯାତ୍ରାର ଶୁଭାରମ୍ଭ କରିବେ ଏହି ତୀର୍ଥ ଯାତ୍ରୀ ଦଳରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ, ଯାଜପୁର ଜିଲ୍ଲାର ବରିଷ୍ଠ ନାଗରିକ ମାନେ ତୀର୍ଥ ଯାତ୍ରା ରେ ଯିବେ, ଯାତ୍ରୀ ମାନଙ୍କ ର ସମସ୍ତ ଯାତାୟାତ, ଦର୍ଶନ, ଖାଦ୍ୟପେୟ, ର ବ୍ୟବସ୍ଥା ରାଜ୍ୟସରକାରଙ୍କ ଦ୍ୱାରା କରାଯାଇଛି, ଏବଂ ସମସ୍ତ ଯାତ୍ରୀଙ୍କୁ ତୀର୍ଥ ରୁ ଫେରିବା ପରେ ସକୁଶଳ ଘରକୁ ଫେରିବାର ବନ୍ଦୋବସ୍ତ ମଧ୍ୟ ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଛି ।

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA, PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ଟୁସୁ ମେଳା ପାଇଁ ପ୍ରସ୍ତୁତି ଜୋରଦାର

ପଦ୍ମପୁର,୫/୧(ନି/ପ୍ର): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଂଚାୟତର ନୂଆଗାଁ ଡିପାସାହିରେ ଆସନ୍ତା ମକର ସଂକ୍ରାନ୍ତି ଉପଲକ୍ଷେ ଟୁସୁ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଡ଼ବିଲ ପୌରାଧକ୍ଷ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏଥିରେ ଅତିଥି ଭାବେ ଜୋନ୍-୪ ର ଜିଲ୍ଲାପରିଷଦ ସଦସ୍ୟା ଲୀଳାବତୀ ମହାନ୍ତ ଓ ବଡ଼ବିଲ ବିଜୁ ପରିବାରର ସଦସ୍ୟମାନେ ଯୋଗଦେଇଥିଲେ । ଆୟୋଜକ ସନ୍‌ରାଇଜ ୟୁଥ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ । ଏ ଅବସରରେ ନୂଆଗାଁ, ହାତୀକୁଚା, ପୋଇପାଣି, ବୀରକିଶୋରପୁର, ରତନପୁର, କାଦଗଡ଼, ବରଦାପାଳ,

ମହାଦେଇଯୋଡ଼ା, ବାଙ୍କବାରୁଣୀ, ମରସୁଆଁ, ଝଡ଼ାପଶି, ହୁଣ୍ଡୁଳା, କସିରା ଆଦି ଗ୍ରାମର ମା'ଭଉଣୀଙ୍କୁ ୪୦ଟି ଟୁସୁ ମୂର୍ତ୍ତି ବଂଟନ କରାଯାଇଥିଲା । ଏହି ଉତ୍ସବରେ ସନ୍ ରାଇଜ୍ ୟୁଥ କ୍ଲବ୍‌ର ସଦସ୍ୟ ତୁଷାର ମହାନ୍ତ, ହରେକୃଷ୍ଣ ମହାନ୍ତ, ମିଥୁନ ମହାନ୍ତ, ବିଦ୍ୟାଧର ମହାନ୍ତ, ଲିପଟନ ମହାନ୍ତ, ରୋହିତ ମହାନ୍ତ, ଲିପୁନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବୁଲୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ତରଣୀସେନ ମହାନ୍ତ, ଲୋକନାଥ ମହାନ୍ତ, ସରୋଜ ମହାନ୍ତ, ଶିବୁ ମହାନ୍ତ, ସୂର୍ଯ୍ୟକାନ୍ତ ମହାନ୍ତ, ଧନଞ୍ଜୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ସୁଶୀଲ ମହାନ୍ତ, ନିର୍ମଳ ମହାନ୍ତ, ଦିପୁ ମହାନ୍ତ, ବିଜୟ ମହାନ୍ତ ଓ ଧୀରେନ ମହାନ୍ତ ସହଯୋଗ କରିଥିଲେ ।

କବିତ୍ରାରେ ପାନୀୟଜଳ ସଙ୍କଟ

କେନ୍ଦୁଝର,୫/୧(ନି/ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଗାଁରୁ ସହର ସବୁଠି ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ଘୋଷଣା କରିଛନ୍ତି । ହେଲେ କେନ୍ଦୁଝର ସହର ଉପକଣ୍ଠ କବିତ୍ରା ମୁଣ୍ଡାସାହିରେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ସଦର ବ୍ଲକ୍ ବୋଦାପୋଳଶା ପଂଚାୟତରେ ଥିବା କବିତ୍ରା ମୁଣ୍ଡାସାହିରେ ୭୦ ପରିବାରର ପ୍ରାୟ ୨୦୦ ଲୋକ ବାସକରୁଛନ୍ତି । ସାହିରେ ଥିବା ଏକମାତ୍ର ନଳକୂପ ବିଶୁଦ୍ଧ ପିଇବା ପାଣି ଯୋଗାଇବାରେ ବିଫଳ

ହେଉଛି । ସେଠାରେ ପାଣି ପାଇଁ ମହିଳାଙ୍କ ଧାଡ଼ି ଲାଗୁଛି । ଆବଶ୍ୟକ ପାଣି ମିଳୁନାହିଁ । ବହୁ ସମୟରେ ନଳକୂପଟି ଖରାପ ହୋଇଯାଉରୁ ଲୋକେ ପିଇବା ପାଣି ପାଇଁ ୨ କିମି ଦୂର ଅରଡ଼େଇ ନଦୀକୁ ଯାଉଛନ୍ତି । ନଚେତ ବାଧ ହୋଇ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି । ଦୂଷିତ ପାଣି ପିଇ ବିଭିନ୍ନ ଜଳବାହିତ ରୋଗରେ ସେମାନେ ଆକ୍ରାନ୍ତ ହେଉଛନ୍ତି ବୋଲି ସମାଜସେବୀ ତୁଳସୀ ପାତ୍ର କହିଛନ୍ତି । ୧୦ ବର୍ଷ ପୂର୍ବରୁ ମୁଣ୍ଡାସାହିକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ପାଣି ପାଇପ ବିଛା ଯାଇଥିଲା । ଏବେ ତାହା ଭାଙ୍ଗିରୁଜି ଗଲାଣି । ମୁଣ୍ଡାସାହିର ଦୁର୍ଦ୍ଦଶା ଖବର ପାଇ ଯୁବ ଓ ଶ୍ରମ ବିକାଶ ମଂଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଜୟକୃଷ୍ଣ ନାଏକ କବିତ୍ରା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଖରା ଦିନ ପୂର୍ବରୁ ତୁରନ୍ତ ଏଠାରେ ନୂତନ ନଳକୂପ ଖନନ ନିମନ୍ତେ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

ଓଲଟିଲା କାର, ଅଳ୍ପକେ ବର୍ତ୍ତିଲେ ୪

ପଦ୍ମପୁର,୫/୧(ନି/ପ୍ର): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ମୁଖ୍ୟବଜାର ନିକଟରେ ଭାରସାମ୍ୟ ହରାଇ ଏକ ଏକ୍ସୟୁଭି କାର(ଓଡି-୧୪-ଡବ୍ଲୁ-୪୪୪୫)ଓଲଟି ପଡ଼ିଛି । ଏଥିରେ ଥିବା ଚାଳକଙ୍କ ସମେତ ୪ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆଜି ଭୁବନେଶ୍ୱରରୁ ଅଭେଦାନନ୍ଦ ଦାସ ପରିବାର ସହ କାରରେ ଟେନ୍‌ସା ଯାଉଥିଲେ । ଅପରାହ୍ନ ୫ଟାବେଳେ ପଦ୍ମପୁର ବଜାରର ବାମପାର୍ଶ୍ୱରେ ଥିବା ବୁଟିନନା ଜଳଖିଆ ଦୋକାନ ନିକଟରେ ଏକ ବସ୍ ଯାତ୍ରୀମାନଙ୍କୁ ଓହ୍ଲାଉଥିଲା । ଦ୍ରୁତଗତିରେ ଆସୁଥିବା କାରଟି ଡାହାଣ ପଟେ ଓଭରଟେକ୍ କରିଯାଉଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ ତାକୁ ଧକ୍କା ଦେଇଥିଲା । ଫଳରେ କାରଟି ଓଲଟ ପଡ଼ିଥିଲା । ଦୁର୍ଘଟଣା ପରେ ବହୁ ସମୟ ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା । କେନ୍ଦୁଝର ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଥାନାକୁ ଆଣି ତଦନ୍ତ ଚଳାଇଛି । ସେହିପରି ପଳାଶପଙ୍ଗା ଓଭରବ୍ରିଜ ଉପରେ ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ହାଇୱା ପଛରେ ମା' ନାମକ ଏକ ଘରୋଇ ବସ୍ ଧକ୍କା ହୋଇଛି । ଫଳରେ ଗାଡ଼ିର ସାମ୍ନାଭାଗ ଭାଙ୍ଗିରୁଜି ଯାଇଛି । ବସ୍‌ରେ ଥିବା ୩୦ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ବସ୍‌ଟି ଭୁବନେଶ୍ୱରରୁ ବଲାଣି ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ପଳାଶପଙ୍ଗା ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ପଣ୍ଡା ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି ।

ଦନ୍ତାକୁ ବାନ୍ଧିଲା ବନ ବିଭାଗ: ନନ୍ଦନକାନନ ନିଆଯିବ

କଂଟାମାଳ: ବୌଦ୍ଧ ଜିଲ୍ଲା କଂଟାମାଳ ରେଞ୍ଜ ଲମ୍ବସରୀ ପଂଚାୟତ ପିଣ୍ଡାପଦର ଗାଁରେ ବୁଧବାର ରାତିରୁ ଉପଦ୍ରବ କରୁଥିବା ଏକ ଦନ୍ତାହାତୀକୁ ବନ ବିଭାଗ କାବୁ କରିଛି । ଗୁରୁବାର ରାତି ୮ଟା ସମୟରେ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ବରଗାଁ ପଂଚାୟତ ଲୁଇସିଂ ଗାଁରେ ହାତୀକୁ ଟ୍ରାଙ୍କୁଲାଇଜର ଦେଇ ଲୁହାଚେନ୍‌ରେ ବାନ୍ଧିବାରେ ସଫଳ ହୋଇଛନ୍ତି । ଶୁକ୍ରବାର ଏକ ସ୍ୱତନ୍ତ୍ର ଗାଡ଼ି ସାହାଯ୍ୟରେ ହାତୀକୁ ନନ୍ଦନକାନନ ନିଆଯିବ



ବୋଲି ନାରାୟଣପ୍ରସାଦ ସେକ୍ସନ ଫରେଷ୍ଟର ଚିନ୍ମୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଦନ୍ତାହାତୀଟି ବୁଧବାର ରାତି ପ୍ରାୟ ଗୋଟାଏ ବେଳେ ପିଣ୍ଡାପଦର ଗାଁକୁ ପଶି ଆସିଥିଲା । ଗ୍ରାମବାସୀ ତାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ହାତୀ ସକାଳ ୫ଟା ପର୍ଯ୍ୟନ୍ତ ଗ୍ରାମରେ ଉପଦ୍ରବ କରିଥିଲା । କିଛି ଲୋକଙ୍କ ଘର ଭାଙ୍ଗିବା ସହ ଚାଷୀମାନଙ୍କ ବଗିଚାରେ ପଶି କଦଳୀ, ନଡ଼ିଆ ଗଛ, ଆମ୍ବ ବଗିଚା ଓ ଖଳାରେ ଥିବା ଧାନଖରି ସବୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ହାତୀଟି ଗ୍ରାମର ବୀର ନାଏକ, କବି ନାଏକ, ଶଙ୍କର ବାଘ, ସୂର୍ଯ୍ୟ ଥନାପତି, ଆନନ୍ଦ କହଁର ଓ ସୁପ୍ରେଶ୍ୱର ପ୍ରଧାନ ପ୍ରମୁଖଙ୍କ ବ୍ୟାପକ କ୍ଷୟକ୍ଷତି କରିଥିବା ସୂଚନା ମିଳିଛି ।

ଅଶ୍ୱିନୀ ବୈଷ୍ଣବଙ୍କ ଓଡିଶା ଗସ୍ତ: ଦଶପଲ୍ଲାକୁ ଗଡ଼ିବ ରେଳ

ଭୁବନେଶ୍ୱର/ଦଶପଲ୍ଲା୫/୧(ନି/ପ୍ର): କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ତିନି ଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ଆସି ଆସନ୍ତା ୫ ତାରିଖ (ଶୁକ୍ରବାର) ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିବେ । ତାଙ୍କ ଗସ୍ତ ସମୟରେ ଶ୍ରୀ ବୈଷ୍ଣବ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଠାରେ ରେଳବାଇ କାର୍ଯ୍ୟକ୍ରମରେ ଏବଂ କ୍[ଲୋରେ ଡାକ ବିଭାଗ କାର୍ଯ୍ୟକ୍ରମରେ ଯୋଗଦେବେ । ଜାନୁଆରି ୬ ତାରିଖ ଖଣ୍ଡପଡ଼ା ଠାରେ ଏବଂ ଜାନୁଆରି ୭ ତାରିଖ ଆଠଗଡ଼, ବଡମ୍ବା ଏବଂ ନରସିଂହପୁର ଅଂଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ ଯୋଗଦେବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାନୁଆରି ୬ରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଦଶପଲ୍ଲା ରେଳ ଷ୍ଟେସନ ବିଲଡିଂ ଏବଂ ନବ ନିର୍ମିତ ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦଘାଟନ କରିବା ସହିତ ଚାରିଟି ଟ୍ରେନର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ୧୮୪୨୩/୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁ ରୋଡ-ଭୁବନେଶ୍ୱର ପାସେଞ୍ଜର ସ୍ପେଶାଲ,

୦୮୪୨୩/୦୮୪୨୪ ପୁରୀ-ନୂଆଗାଁ ରୋଡ-ପୁରୀ ପାସେଞ୍ଜର ସ୍ପେଶାଲ ଏବଂ ୦୮୫୫୫/୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନ ଗୁଡିକର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ ‌‌।1 ବୈଷ୍ଣବ ଜାନୁଆରି ୬ ଅପରାହ୍ନରେ କଂଟିଲୋ ଠାରେ ଡାକ ବିଭାଗର କାର୍ଯ୍ୟକ୍ରମରେ ଯୋଗଦେବେ । ସେହିପରି ଜାନୁଆରି ୭ ତାରିଖ ଦିନ ସେ କଟକ ଜିଲ୍ଲା ଆଠଗଡ଼, ବଡମ୍ବା ଓ ନରସିଂହପୁର ଅଂଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବେ ।

ଅନୁଗୁଳକୁ ନିର୍ବାଚନ ମନସ୍କ କରାଇଲେ ବିଜେଡି, ବିଜେପି

ଅନୁଗୁଳ,୫/୧(ନି/ପ୍ର): ଅନୁଗୁଳ ରାଜନୀତି ଉଠୁଛି ପଡୁଛି । ପ୍ରଥମେ ଧର୍ମେନ୍ଦ୍ର ପ୍ରଧାନ ଆସି ବିଜେପି ନେତା ଓ କର୍ମୀଙ୍କ ଉତ୍ସାହ ବଢ଼ାଇଥିଲେ । ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଡ଼ ସଜାଇଥିଲେ । ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କର୍ମୀଙ୍କୁ ପରାମର୍ଶ ଦେଇ ସେ ଫେରିବାବେଳକୁ ବିଜେପି ଶିବିର ଚଳଚଂଚଳ ହୋଇପଡ଼ିଥିଲା । ଧର୍ମେନ୍ଦ୍ର ଯିବାର ଦୁଇ ଦିନ ପରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନୁଗୁଳରେ ସିଧାସିଧା ଧର୍ମେନ୍ଦ୍ରଙ୍କୁ ଟାର୍ଗେଟ୍ କଲେ । ଜନ୍ମମାଟି ପାଇଁ କଣ କରିଛ ବୋଲି ପ୍ରଶ୍ନ କରି ବିଜେପିକୁ ଅକଳରେ ପକାଇଲେ । ଏହା ବିଜେଡି ଶିବିରକୁ ଆନନ୍ଦିତ କରିଥିଲାବେଳେ ଦଳୀୟ ନେତା ଓ କର୍ମୀ ପାଣ୍ଡିଆନଙ୍କ ଗସ୍ତ ପରେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି । ଏବେ ଦୁଇ ଦଳର ନେତା ଓ କର୍ମୀ ବୁଥ୍‌ମୁହାଁ ହେବା ସହ ଜିଲ୍ଲାରେ ନିର୍ବାଚନୀ ହାୱା ବହିବା ଆରମ୍ଭ ହୋଇଛି । ପାଖାପାଖି ଦେଢ଼ ବର୍ଷ ହେଲା ଅନୁଗୁଳ ଓ ଢେଙ୍କାନାଳକୁ ଫୋକସ୍‌ରେ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିୟମିତ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ସରକାରୀ କାର୍ଯ୍ୟକ୍ରମ ସହିତ ଦଳୀୟ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଛନ୍ତି । ଗତ ରଥଯାତ୍ରା ସମୟରେ ଅନୁଗୁଳ ଗସ୍ତରେ ଆସି ତତ୍କାଳୀନ ୫-ଟି ସଚିବ ପାଣ୍ଡିଆନଙ୍କୁ ପରୋକ୍ଷରେ ସମାଲୋଚନା କରିଥିଲେ । ନାଁ ନ ନେଇ କଡ଼ା କଡ଼ା କଥା କହିଥିଲେ । ସେତେବେଳେ ଏହା ବିଜେପି ଶିବିରକୁ ବଳ ଦେଇଥିଲା । ଆଉ ଏବେ ସବୁ ସୁଝି ଦେଇଛନ୍ତି ପାଣ୍ଡିଆନ । ସେ ମଧ୍ୟ ଧର୍ମେନ୍ଦ୍ରଙ୍କ ନାଁ ନ ନେଇ ଭରା ସଭାରେ ପ୍ରଶ୍ନବାଣରେ ପୋତି ପକାଇଛନ୍ତି । ବିକାଶର ତାଲିକା ମାଗିଛନ୍ତି । ବିଜେଡି-ବିଜେପି ମେଂଟ ଭାଙ୍ଗିବା ପରେ ଅନୁଗୁଳ ଜିଲ୍ଲାରେ ବିଜେଡି ସୁବିଧାଜନକ ସ୍ଥିତିରେ ରହିଆସିଛି । ୨୦୦୯ ପରଠାରୁ ହୋଇଥିବା ୩ଟି ଯାକ ବିଧାନସଭା ନିର୍ବାଚନରେ ବିଜେପି ଖାତା ଖୋଲି ପାରିନି । ଏପଟେ ଗତ ଦୁଇ ପାଳି ହେଲା ଜିଲ୍ଲାର ସମସ୍ତ ୫ଟି ଯାକ ଆସନରେ ବିଜେଡି ବିଜୟୀ ହୋଇଛି । କିନ୍ତୁ ଢେଙ୍କାନାଳ ଲୋକସଭା ସହ ଅଧିକାଂଶ ବିଧାନସଭା ଆସନରେ ବିଜେଡି ଓ ବିଜେପି ଭିତରେ ଭୋଟ୍ ବ୍ୟବଧାନ ବହୁତ କମ୍ ରହିଛି । ଏପଟେ ଧର୍ମେନ୍ଦ୍ରଙ୍କ

ମାରାଥନ ଗସ୍ତ ପରେ ବିଜେପି ଏଥର ଆହୁରି ଭଲ କରିବ ବୋଲି ଆଶା ବାନ୍ଧିଛି । ଧର୍ମେନ୍ଦ୍ରଙ୍କ ସମେତ ବିଭିନ୍ନ ସମୟରେ ଏକାଧିକ କେନ୍ଦ୍ରମନ୍ତ୍ରୀ ଅନୁଗୁଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ବିଶେଷକରି କର୍ମୀଙ୍କ ସହ ମିଶି ସେମାନଙ୍କ ମନରେ ଜୋସ୍ ଭରୁଛନ୍ତି । କେନ୍ଦ୍ର ସରକାର ଅନୁଗୁଳବାସୀଙ୍କ ପାଇଁ କରିଥିବା ବିଭିନ୍ନ କାମର ହିସାବ ଦେଉଛନ୍ତି । ଏହାକୁ ପାଲଟା ଜବାବ ଦେବା ପାଇଁ ବିଜେଡି ବି ପଛରେ ନାହିଁ । ଦଳର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅନୁଗୁଳ ପର୍ଯ୍ୟବେକ୍ଷକ କରାଯାଇଥିଲାବେଳେ ପର୍ଯ୍ୟବେକ୍ଷକ ଥିବା କୁଞ୍ଜବିହାରୀ ଦାସ ଏଠାରେ ଡେରା ପକାଇଛନ୍ତି । ଆଉ ଗତ ୬ ମାସ ଭିତରେ ପାଣ୍ଡିଆନ ଦୁଇ ଥର ଆସି ମାଳମାଳ ପ୍ରକଳ୍ପ ପାଇଁ ଅନୁଦାନ ଘୋଷଣା କରି ଦଳ ସପକ୍ଷରେ ଜନମତ ତିଆରି କରିବାକୁ ଲାଗିଛନ୍ତି ।

ଧାନବିକ୍ରି ସମସ୍ୟା: ପଲସାଗୋରାରେ ରାସ୍ତାରୋକ

ପଲସାଗୋରା,୫/୧(ନି/ପ୍ର): ଧାନବିକ୍ରି ସମସ୍ୟା ଯୋଗୁଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଚାଷୀମାନେ । ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକ୍ ପଲସାଗୋରାଠାରେ କଂଟାମାଳ-ମନମୁଣ୍ଡା ୪୧ ନମ୍ବର ରାଜ୍ୟ ରାଜପଥକୁ ଶତାଧିକ ଚାଷୀ ଅବରୋଧ କରିଛନ୍ତି । ସୂଚନା ଅନୁସାରେ ବ୍ଲକ୍‌ର ଲୋକାପଡ଼ା ଓ ରୁଣ୍ଡିମହୁଲ ପ୍ୟାକ୍ସର ଶତାଧିକ ଚାଷୀ ଖରିଫ ଋତୁରେ ଧାନ ଚାଷ କରି ବିକ୍ରିବାକୁ ସରକାରଙ୍କ ନିୟମ ଅନୁସାରେ ପଞ୍ଜୀକରଣ କରିଥିଲେ ହେଁ ଟୋକନ ପାଇ ନାହାନ୍ତି । ଏନେଇ ଚାଷୀମାନେ ଲିଖିତ ଭାବେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରୁ ନାହାନ୍ତି । ଶେଷରେ ବୁଧବାର ଭୋରରୁ ପଲଶାଗୋରା ହାଇସ୍କୁଲ ଛକଠାରେ ରାସ୍ତାରେ ଧାନବସ୍ତା ପକାଇ ରାସ୍ତାରୋକ କରିଥିଲେ । ଖବର ପାଇ ଲୋକାପଡ଼ା ପ୍ୟାକ୍ସ ସମ୍ପାଦକ ନିର୍ମଳ ବିଶ୍ୱାଳ ଓ କର୍ମଚାରୀ ପହଂଚି ଶତାଧିକ ଚାଷୀଙ୍କ ନାମ ପୁନଃ ଟୋକନ ପାଇବା ପାଇଁ ପଞ୍ଜୀକରଣ

କରିଥିଲେ । ରାସ୍ତାରୋକରେ ଯୁବନେତା ଓମ୍ ପ୍ରକାଶ ମିଶ୍ର, ମୁନା ମିଶ୍ର, ଚାଷୀନେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଅସୀମ ଅଭିଷେକ ପଣ୍ଡା, ରଞ୍ଜନ ପଣ୍ଡା, ଲୋକାପଡ଼ା ପ୍ୟାକ୍ସ ସଭାପତି ପୀତାମ୍ବର ସାହୁ, ଆଦିତ୍ୟ ପ୍ରଧାନ, ମୁନା ସାହୁ, ସଂକେତ ସାହୁ, ପୁରୁଷୋତ୍ତମ ଦଳବେହେରା, ଦିଲୀପ ମହାକୁଡ଼, ନବୀନ ମହାପାତ୍ର, ଗୋପାଳ ପୁରୋହିତ, ଆଲୋକ ଖେତୀ, ଅଚ୍ୟୁତ ଖମାରୀ, ପ୍ରମୋଦ ପ୍ରଧାନ, ଧନମାଳୀ କର୍ଣ୍ଣଙ୍କ ସହ ବହୁ ଚାଷୀ ରାସ୍ତାରୋକରେ ସାମିଲଥିଲେ । ପରେ ଘଟଣାସ୍ଥଳକୁ ଏଆରସିଏସ୍ ହାଡ଼ିବନ୍ଧୁ ମହାକୁଡ଼ ଓ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ସିଂହ ପହଂଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

୧୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବୋଲଗଡ,୫/୧(ନି/ପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ପୁଲିସ ସ୍ଥାନୀୟ ଅଂଚଳ ର ମାଣିକାଗୋଡ଼ା ଗ୍ରାମରେ ଖବର ପାଇ ଅଚାନକ ଚଢ଼ାଉ କରି ସେହି ଗ୍ରାମର ଜନୈକ ବ୍ୟକ୍ତି ଙ୍କ ଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ତାଙ୍କୁ ବୁଧବାର ଗିରଫ କରି ଖୋର୍ଦ୍ଧା କୋର୍ଟକୁ ଚାଲାଣ କରିଛି । ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବିଶେଷସୂତ୍ରରୁ ଖବର ପାଇ ବୋଲଗଡ ଥାନା ପୁଲିସ ସଦଳବଳେ ସେହି ମାଣିକାଗୋଡ଼ା ଗ୍ରାମର ଶ୍ୟାମ ସୁଦିନ ଖାଁଙ୍କ ପୁଅ ନାଲୁ ଉଦିନ ଖାଁ (୪୪)ଙ୍କୁ ବ୍ରାଉନ ସୁଗାର କାରବାରରେ ଗିରଫ କରିଥିଲେ । ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା, ଯାହାର ଆନୁମାନିକମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ।

ଶୀତ ଦିନରେ ବି ପାଣି ନାହିଁ: ୪୦ ପରିବାର ପାଣି ପାଇଁ ଦହଗଞ୍ଜ

ଆଳି,୫/୧(ନି/ପ୍ର): ଶୀତ ଦିନେ ବି ଘାରିଛି ପାଣି ଚିନ୍ତା । ପାଇପରେ ପାଣି ଆସୁ ନଥିବାରୁ ଘରଠାରୁ ଦୂରକୁ ଯାଇ ଧାଡ଼ି ବାନ୍ଧି ପାଣି ଆଣୁଛନ୍ତି ୪୦ ପରିବାର । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପତ୍ରପୁର ପଂଚାୟତ ଭରତପୁର ଗ୍ରାମର ଏହି ୪୦ ପରିବାର ଶୀତ ଦିନେ ବି ଏଭଳି ସ୍ଥିତିର ସାମନା କରୁଥିବା ବେଳେ ଆଗକୁ ଖରା ଆସିଲେ ସେମାନଙ୍କ ଅବସ୍ଥା କଣ ହେବ ତାହାକୁ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ୁଛି । ତଥ୍ୟ ଅନୁଯାୟୀ ଅଂଚଳରେ ପାଣି ପ୍ରକଳ୍ପ ସ୍ଥାପନ ହୋଇଛି । ଗାଁରେ ପାଇପ୍ ବିଛା ଯାଇଛି । ଘରକୁ ଘର ପ୍ରତି ଘରକୁ ପାଇପ ସଂଯୋଗ ହୋଇଛି । ହେଲେ ଗ୍ରାମବାସୀ ପାନୀୟଜଳ ଟୋପାଏ ପାଇଁ ବର୍ଷକ ବାରମାସ ଦହଗଞ୍ଜ ହେଉଛନ୍ତି ଗ୍ରାମର ୪୦ ପରିବାର । ଏ ଘଟଣା ମାସେ କି ଦୁଇ ମାସର ନୁହେଁ, ବରଂ ବର୍ଷବର୍ଷ ଧରି ଏଭଳି ସମସ୍ୟା ଭୋଗୁଛନ୍ତି ଏହି ଗ୍ରାମବାସୀ । ସମସ୍ୟାର ସମାଧାନ ପାଇଁ ପଂଚାୟତର ସରପଂଚ, ପାନୀୟଜଳ ବିଭାଗୀୟ ଯନ୍ତ୍ରୀ ଓ ବିଡିଓଙ୍କ ନିକଟକୁ ବର୍ଷବର୍ଷ ଧରି ଦୌଡିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ୫ ବର୍ଷ ତଳେ ପ୍ରକଳ୍ପ ସ୍ଥାପନ କରାଯାଇ

ବିବିଧା

ସ୍କୁଟିରେ ପାଠାଗାର

ଖୋଲିବ ଭିକି-କ୍ୟାଟ୍ରିନା ପ୍ରେମ ରହସ୍ୟ

ଗ୍ରାମ୍ୟ ମହିଳା ଉଦ୍ୟୋଗ ପ୍ରକଳ୍ପ ଚଳାଇ ସ୍ୱାବଲମ୍ବୀ ହେଉଛନ୍ତି ମହିଳା

ଜିନ୍ସରେ ଛୋଟ ପକେଟ୍ କାହିଁକି?

ସ୍କୁଲରୁ ଗୋଷ୍ଠୀ ରୋପଣଶାଳା



ଆଜିର ପଞ୍ଚାଙ୍ଗ

- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ମକର - ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ମକର - ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।

ଆଜିର ଚିତ୍ର

- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।
- ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରମା ଧନୁରାଶିରେ ରହିବେ।

ରାଶି ଫଳ

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୬ ଜାନୁଆରୀ ୨୦୨୪

ଶିକ୍ଷାରେ ପରିବର୍ତ୍ତନ

ଦୀର୍ଘ ୩୪ ବର୍ଷ ପରେ ଭାରତ ସରକାର ଜାତୀୟ ଶିକ୍ଷାନୀତିରେ ବିରାଟ ପରିବର୍ତ୍ତନ ଆଣିବାକୁ ନିଷ୍ପତି ନେଇଛନ୍ତି । ନୂଆ ଶିକ୍ଷା ନୀତି ଅନୁସାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏଣିକି ପୂର୍ବପରି ଶିକ୍ଷା ମନ୍ତ୍ରଣାଳୟ ଭାବେ ପରିଗଣିତ ହୋଇଛି । ତେବେ ଏହା ଏକ ଗୌଣ ନିଷ୍ପତ୍ତି । ନାମ ପରିବର୍ତ୍ତନ ଏକ ସାମାନ୍ୟ ନିଷ୍ପତି । କିନ୍ତୁ ନୂତନ ଶିକ୍ଷା ନୀତିରେ ଯେଉଁସବୁ ମୌଳିକ ପରିବର୍ତନ ବିଷୟ କୁହାଯାଇଛି ତାହା ହିଁ ସବୁଠାରୁ ମହତ୍ୱପୂର୍ଣ୍ଣ । ମୋଦି ସରକାର ତାଙ୍କ ଶାସନର ଦ୍ୱିତୀୟ ଇନିଂସରେ ଆଉ ଏକ ବଡ଼ ଧମକା ସୃଷ୍ଟି କରିଛନ୍ତି ଏବଂ ଏହାକୁ ତାଙ୍କ ଶାସନ କାଳର ସବୁଠାରୁ ବଡ଼ ଏବଂ ମହତ୍ତ୍ୱର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ । ଜିଏସଟି ଲାଗୁ ଏବଂ ଧାରା ୩୭୦ ଉଚ୍ଛେଦଠାରୁ ମଧ୍ୟ ଏହାକୁ ବଡ଼ ପଦକ୍ଷେପ ବୋଲି କୁହାଯାଇପାରେ । ଏଥିରେ କିଛି ତ୍ରୁଟି ବି ରହିଥାଇପାରେ । କିଛି ଖୁଣ ରହିଥାଇପାରେ । କିନ୍ତୁ ସାମଗ୍ରୀକ ଭାବେ ଏହା ସ୍ୱାଗତଯୋଗ୍ୟ ଏବଂ ଏହା ଦ୍ୱାରା ଶିକ୍ଷାକ୍ଷେତ୍ରରେ ମୌଳିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଇପାରେ । ଅନ୍ତତଃ ପକ୍ଷେ ଏତିକି କୁହାଯାଇପାରେ ଯେ, କେନ୍ଦ୍ର ସରକାର ନୂଆ ଶିକ୍ଷା ନୀତି ମାଧ୍ୟମରେ ଦେଶର ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷାର ଉଦ୍ଦେଶ୍ୟକୁ ପରିବର୍ତ୍ତନ କରିବାକୁ ସତ୍ ଉଦ୍ୟମ କରିଛନ୍ତି । ସ୍ୱାଧୀନତା ପରେ ଭାରତରେ ଶିକ୍ଷାର ବ୍ୟାପକ ପ୍ରସାର ହୋଇଛି । ସାକ୍ଷରତା ହାର ବଢ଼ିଛି । ବହୁ ଜ୍ଞାନୀ ଗୁଣି ସୃଷ୍ଟି ହୋଇଛନ୍ତି । ବିଶ୍ୱ ସ୍ତରର ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଫେସର, ଅର୍ଥନୀତିଜ୍ଞ, ଆଇନଜୀବୀ ବାହାରିଛନ୍ତି । ବିଶ୍ୱର କୋଣ ଅନୁକୋଣରେ ଭାରତୀୟ ମାନେ ନିଜ ବୁଦ୍ଧି, ଜ୍ଞାନ କୌଶଳ ମାଧ୍ୟମରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ନିଜର ଦକ୍ଷତା ବଳରେ ସେମାନେ ଅନ୍ୟମାନଙ୍କଠାରୁ ନିଜକୁ ଉତ୍କୃଷ୍ଟ ବୋଲିସ ପ୍ରମାଣିତ କରିଛନ୍ତି । ତେବେ ଏହା ସତ୍ତ୍ୱେ ଭାରତରେ ଶିକ୍ଷା ବ୍ୟବସ୍ଥା ସଫଳ ହୋଇପାରିନାହିଁ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି । ସେମାନଙ୍କ ମତ ହେଲା ଭାରତରେ ଶିକ୍ଷା କେବଳ ଚାକିରିଆ ସୃଷ୍ଟି କରିବାକୁ ଉଦ୍ଦିଷ୍ଟ । ଯେଉଁମାନେ ପାଠ ପଢୁଛନ୍ତି ସେମାନଙ୍କର ପିଲା ବେଳୁ ଉଦ୍ଦେଶ୍ୟ ରହିଲା ସରକାରୀ ଚାକିରୀ ଖଣ୍ଡେ କରିବା । ତେଣୁ ଭାରତୀୟ ଶିକ୍ଷା ବ୍ୟବସ୍ଥା ଦିଗହରା ହୋଇଯାଇଛି ଏବଂ ଶିକ୍ଷାର ମୌଳିକତା ହଜିଯାଇଛି । ଏଥିରେ ଅବଶ୍ୟ ବ୍ୟତିକ୍ରମ ରହିଛି । କିନ୍ତୁ ଏଥିପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ ଦୋଷ ଦିଆଯାଇପାରିବ ନାହିଁ । ଜନ ବିସ୍ଫୋରଣ ଯୋଗୁଁ ବେକାରୀ ଓ ଦାରୀଦ୍ର୍ୟ ବୃଦ୍ଧି ପାଉଛି । ତେଣୁ ପାଠର ମୁଖ୍ୟ ଉଦ୍ଦେଶ୍ୟ ଗୁଜରାଣ ମେଟାଂଇବା ବା ପେଟ ପୋଷିବା ହୋଇଯାଉଛି । ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଯଦି ସରକାରୀ ଚାକିରୀ ଖଣ୍ଡେ କରିନପାରିଲା ତେବେ ସେ ନିଜ ଜୀବନ ବ୍ୟର୍ଥ ହୋଇଗଲା, ଶିକ୍ଷା ସମ୍ପୂର୍ଣ୍ଣ ବେକାର ହୋଇଗଲା ବୋଲି ଭାବୁଛି । ସମାଜ ମଧ୍ୟ ତାକୁ ସମ୍ମାନ ଦେଉନାହିଁ । ଯଦି ଭାରତରେ ଜନ ବିସ୍ଫୋରଣ ହୋଇନଥାନ୍ତା ଏବଂ ବେକାରୀ ସମସ୍ୟା ଏତେ ଉତ୍କଟ ହୋଇନଥାନ୍ତା ତେବେ ହୁଏତ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏଥିପାଇଁ ଶିକ୍ଷା ବ୍ୟବସ୍ଥା ବିଫଳ ହୋଇଗଲା ବୋଲି କୁହାଯାଉଛି । ନିଜ ଶିକ୍ଷାକୁ ଯଦି ଜଣେ ଆତ୍ମନିର୍ଭରଶୀଳ ହେବାରେ ବିନିଯୋଗ କରିନପାରେ ଏବଂ ଯଦି ଏହା ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇନପାରେ ତେବେ ସେହି ଶିକ୍ଷା ଦ୍ୱାରା ଲାଭ କ'ଣ ? ଏହାକୁ ଦୃଷ୍ଟିରେ ରଖି ମୋଦି ସରକାର ଦେଶର ଶିକ୍ଷା ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବାକୁ ନୂଆ ନୀତି ଆଣିଛନ୍ତି । ଏଥିରେ ମୁଖ୍ୟତଃ ଦୁଇଟି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି । ପ୍ରଥମତଃ ଶିକ୍ଷାର ମାନ ବୃଦ୍ଧି, ଛାତ୍ରଙ୍କ ମଧ୍ୟରେ ସୃଜନାତ୍ମକତା ବଦ୍ଧି ଏବଂ ଶିକ୍ଷାର ବୋଝ ହାଲୁକା କରିବା । ଦ୍ୱିତୀୟରେ ପିଲା ବେଳୁ ଦକ୍ଷତା ବୃଦ୍ଧି ଏବଂ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା । ଏହା ଦ୍ୱାରା ସ୍କୁଲ ଶିକ୍ଷା ପରେ ମଧ୍ୟ ଜଣେ ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ଏହା ସହିତ ଉଚ୍ଚ ଶିକ୍ଷା ମଧ୍ୟ ଗ୍ରହଣ କରିରିବ । ନୂଆ ଶିକ୍ଷାନୀତିରେ ପ୍ରାଥମିକ ସ୍ତରରେ ମାତୃଭାଷା ବା ଆଂଚଳିକ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ସେହିରି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାକୁ ବାଧ୍ୟତା ମୂଳକ କରାଯାଇଛି । ଅନ୍ୟ ପକ୍ଷରେ ପିଲାଙ୍କ ମୁଣ୍ଡରୁ ପରୀକ୍ଷାର ବୋଝ ହାଲୁକା କରିବା, ସ୍ନାତକ ସ୍ତରରୁ ଗବେଷଣାତ୍ମକ ଶିକ୍ଷା ଏବଂ ସାରା ଦେଶରେ ଗୋଟିଏ ପ୍ରକାର ପାଠ୍ୟକ୍ରମ ବା ସିଲାବସ ଲାଗି ନୂଆ ଶିକ୍ଷାନୀତିରେ ପ୍ରସ୍ତାବ ରହିଛି । ସ୍କୁଲ ସ୍ତରଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଏଡ଼ାଇବାକୁ ପ୍ରୟାସ କରାଯିବ ଏବଂ ଯଥାସମ୍ଭବ ଶିକ୍ଷାକୁ ଉତ୍ସାହପ୍ରଦ ଏବଂ ଆନନ୍ଦଦାୟକ କରାଯିବ ବୋଲି ଏହି ନୀତିରେ ଲକ୍ଷ୍ୟ ରହିଛି । ଏହା ଉପରେ ଅଧିକ ତର୍ଜମା ହେବା ଉଚିତ ଏବଂ ଏହାକୁ ଆହୁରି ମାର୍ଜିତ ଏବଂ ତ୍ରୁଟି ଶୂନ୍ୟ କରିବାକୁ ପ୍ରୟାସ କରାଯିବା ଉଚିତ । ସରକାରଙ୍କୁ ରାଜନୈତିକ ଦୃଷ୍ଟିରୁ ବିରୋଧ କରୁଥିବା ବ୍ୟକ୍ତି ଏବଂ ସଙ୍ଗଠନ ଅନ୍ଧ ଭଳି ସମାଲୋଚନା କରିବା ପରିବର୍ତ୍ତେ ଗଠନମୂଳକ ପରାମର୍ଶ ଦେବା ଉଚିତ । ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଶେଷଜ୍ଞମାନଙ୍କ ପରାମର୍ଶକୁ ସରକାର ଗୁରୁତ୍ୱ ଦେବା ଉଚିତ । କେବଳ ଡିଗ୍ରୀ ବା ସାର୍ଟିଫିକେଟ ହାସଲ କରି ସରକାରୀ ଚାକିରୀ କରିବାର ମାନସିକତା ବା ଲକ୍ଷ୍ୟ ଦେଶର ବିକାଶରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହାକୁ ଗୋଟିଏ ବର୍ଷରେ ଦୂର କରାଯାଇପାରିବ ନାହିଁ । ଏଥି ।ଇଁ ବର୍ଷ ବର୍ଷ ଲାଗିଯିବ । ଧୈର୍ଯ୍ୟର ସହ ଧିରେ ଧିରେ ପରିବର୍ତନ ଉପରେ ବିଶ୍ୱାସ ରଖିବାକୁ ପଡ଼ିବ । ବ୍ରିଟିଶ ଯୁଗର ଶିକ୍ଷା ବ୍ୟବସ୍ଥା ଯେ ଖରାପ ଥିଲା ସେ କଥା ନୁହେଁ କିନ୍ତୁ ସମୟର ଗତି ସହ ତାଳ ଦେଇ ଆମକୁ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ପଡ଼ିବ ।

ବଣିଜ ବିଚାର : ସାଇକେଲ ବ୍ୟବସାୟର ରୂପରେଖ

ଆଜିକୁ ଅର୍ଦ୍ଧ ଶତାବ୍ଦୀ ତଳେ ସାଇକେଲ ଥିଲା ଜନସାଧାରଣଙ୍କ ଗମନାଗମନର ମୁଖ୍ୟ ମାଧ୍ୟମ । ସେହି ସମୟରେ ବିବାହ ବେଳେ ଯେ ?ତୁକ ଭାବେ ସବୁଠାରୁ ଅଧିକ ଲୋଡ଼ା ପଡୁଥିଲା ରାଲେ ସାଇକେଲ । ନବମ ଦଶକରୁ କ୍ରମେ ଦୁଇଚକିଆ ଏବଂ ଚାରିଚକିଆ ମୋଟରଗାଡ଼ିର ପ୍ରାଧାନ୍ୟ ବୃଦ୍ଧି ପାଇଲା ଏବଂ ସାଇକେଲ ବ୍ୟବହାରରେ ବେଶ୍ ଅବନତି ଦେଖାଦେଲା । କିନ୍ତୁ ଏବେ ପୁନର୍ବାର ସାଇକେଲ ବ୍ୟବହାରରେ ବୃଦ୍ଧି ଘଟିଛି ଏବଂ ଏହା ଆଉ ପୂର୍ବ ଭଳି ଦୈନନ୍ଦିନ ଜୀବନଚର୍ଯ୍ୟାର ଅତ୍ୟାବଶ୍ୟକ ଅଙ୍ଗ ନ ହୋଇ ସ୍ୱାସ୍ଥ୍ୟ ରକ୍ଷା ଲାଗି ହେଉ ବା ଆମୋଦଦାୟକ ପରିଭ୍ରମଣ ଲାଗି ହେଉ ବ୍ୟବହୃତ ହେଉଛି । ଏହି ପରିପ୍ରେକ୍ଷୀରେ ଏଠାରେ ଆମେ ଭାରତରେ ସାଇକେଲ ଉତ୍ପାଦନ ଓ ବ୍ୟବସାୟ ଉପରେ ଦୃଷ୍ଟି ପକାଇବା । ସାଇକେଲ ଉତ୍ପାଦନରେ ଚୀନ ପରେ ଭାରତର ସ୍ଥାନ ବିଶ୍ୱରେ ଦ୍ୱିତୀୟ । ଜଣାଯାଏ ଯେ ପୃଥିବୀରେ ସାଇକେଲ ଗରାଖଙ୍କ ଆନୁମାନିକ ସଂଖ୍ୟା ପ୍ରାୟ ୮୦ କୋଟି । ଏବେ ପୃଥିବୀରେ ମୋଟାମୋଟି ବାର୍ଷିକ ୩୪ କୋଟି ସାଇକେଲ ଉତ୍ପାଦିତ ହେଉଛି, ଯହିଁରୁ ଚୀନର ଭାଗ ପ୍ରାୟ ୧୦ କୋଟି ଓ ଭାରତର ଭାଗ ମାତ୍ର ୨.୪୦ କୋଟି । ଏବେ ଭାରତୀୟ ରାସ୍ତାରେ ପ୍ରାୟ ୧୨ରୁ ୧୩ କୋଟି ସାଇକେଲ ଗଡ଼ିଥାଏ । ଭାରତରେ ସାଇକେଲ ଉତ୍ପାଦିତ ହେଉଥିଲେ ହେଁ ଏଠାକାର ଚାହିଦା ଲାଗି ଅନେକ ସାଇକେଲ ଚୀନ, ଶ୍ରୀଲଙ୍କା, ମାଲେସିଆ, ତାଇୱାନ ଏବଂ ବାଂଲାଦେଶ ଭଳି ଦେଶରୁ ଆମଦାନି ମଧ୍ୟ କରାଯାଏ, ଯାହାର ବାର୍ଷିକ ମୂଲ୍ୟ ପାଖାପାଖି ୮୨୩ କୋଟି ଟଙ୍କା । କେବଳ ସେତିକି ନୁହେଁ, ଭାରତୀୟ କମ୍ପାନି ଦ୍ୱାରା ନିର୍ମିତ ସାଇକେଲ ୟୁନାଇଟେଡ୍ ? ଆରବ ଏମିରେଟ୍ ?ସ, ନେପାଳ, ମେକ୍ ?ସିକୋ ଆଦି ଦେଶକୁ ରପ୍ତାନି ମଧ୍ୟ କରାଯାଏ, ଯାହାର ବାର୍ଷିକ ମୂଲ୍ୟ ପ୍ରାୟ ୨,୩୭୯ କୋଟି ଟଙ୍କା । ତେଣୁ ଦେଶ ଭିତରେ ଓ ବାହାରେ ଥିବା ଚାହିଦାରୁ ଏହା ଅନୁମାନସାପେକ୍ଷ ଯେ ସାଇକେଲ ଉତ୍ପାଦନ ଓ ବ୍ୟବସାୟ ଲାଗି ଆମ ଦେଶରେ ତଥାପି ପର୍ଯ୍ୟାପ୍ତ ସୁଯୋଗ ରହିଛି । ଭାରତର ୭୫% ସାଇକେଲ ପଞ୍ଜାବରେ ନିର୍ମିତ ହେଉଛି ଏବଂ ସାଇକେଲ ଶିଳ୍ପକୁ ଭିନ୍ନି କରି ପ୍ରାୟ ୪ ହଜାର କାରଖାନା କେବଳ ପଞ୍ଜାବର ଲୁଧିଆନା ଠାରେ ଗଢ଼ି ଉଠିଛି । ଭାରତୀୟ ସାଇକେଲ କମ୍ପାନିମାନଙ୍କ ମଧ୍ୟରେ ହିରୋ, ହରକ୍ୟୁଲେସ, ଏଭନ, ଆଟ୍ ?ଲାସ ଆଦି ଅଗ୍ରଗଣ୍ୟ । ଆମ ଦେଶର ସାଇକେଲ ଉଦ୍ୟୋଗରେ ପ୍ରାୟ ୧୦ ଲକ୍ଷ ଲୋକ ନିଯୁକ୍ତ ଅଛନ୍ତି । କିନ୍ତୁ ଭାରତରେ ନିର୍ମିତ ହେଉଥିବା ସାଇକେଲ ସକାଶେ ଆବଶ୍ୟକ ଅନେକ 'ପାର୍ଟସ୍' ବା କଳ୍ ?ଜା ମୁଖ୍ୟତଃ ଚୀନ ଏବଂ ତାଇୱାନରୁ ଆମଦାନି କରାଯାଇଥାଏ । ଭାରତୀୟ ସାଇକେଲ କମ୍ପାନିମାନେ ଏଇ କଳ୍ ?ଜାଗୁଡ଼ିକୁ 'ଆସେମ୍ବ୍ଲି' ବା ଯୋଖାଯୋଖି କରି ସାଇକେଲ ତିଆରି କରିଥାନ୍ତି । 'ନିତି ଆୟୋଗ'ର ରିପୋର୍ଟରେ ଥିବା ତଥ୍ୟ ଅନୁସାରେ ବିଗତ ୧୫ ବର୍ଷ ଭିତରେ ଭାରତୀୟ ପରିବାରରେ କାର ଏବଂ ମୋଟର ବାଇକର ବ୍ୟବହାର ପାଖାପାଖି ଅଢ଼େଇ ଗୁଣ ବଢ଼ିଥିଲା ବେଳେ ସାଇକେଲର ବ୍ୟବହାର ମାତ୍ର ଦେଢ଼ ଗୁଣ ବଢ଼ିଛି । ତଥ୍ୟ ହିସାବରେ ଭାରତରେ ଘର ଠାରୁ ଦଶ କିଲୋମିଟର ଦୂରତା ଭିତରେ ନିଜ କର୍ମ କ୍ଷେତ୍ରକୁ ଦୈନିକ ଚାଲିଚାଲି ଯାଉଥିବା ଲୋକଙ୍କ ସଂଖ୍ୟା ହେଲା ୨୦ କୋଟି । ଏମାନେ ଅର୍ଥ ଅଭାବରୁ ସାଇକେଲ ଖଣ୍ଡେ ମଧ୍ୟ କିଣି ପାରନ୍ତି ନାହିଁ । ଟିକିଏ ସୂକ୍ଷ୍ମ ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରାୟ ସମସ୍ତ କାର କିମ୍ବା ମୋଟର ବାଇକ କଂପାନିଗୁଡ଼ିକର ନିଜସ୍ୱ 'ଫାଇନାନ୍ ?ସ ସଂସ୍ଥା'ମାନ ରହିଛି ଯାହା ଗାଡ଼ି କିଣିବା ଲାଗି ସହଜ କିସ୍ତିରେ ଋଣର ବ୍ୟବସ୍ଥା କରନ୍ତି । କହିବା ବାହୁଲ୍ୟ ଯେ ଭାରତରେ ମୋଟର ଗାଡ଼ିର ବିକ୍ରିରେ ବୃଦ୍ଧି ଘଟିବାର ସର୍ବାଧିକ ବଡ଼ କାରଣ ହେଉଛି ଖର୍ଦ୍ଦି ଲାଗି ଋଣ ଓ କିସ୍ତିର ଉପଲବ୍ ?ଧତା, ଯାହା ସାଇକେଲ କିଣିବା ବାଲା ଲାଗି ନାହିଁ । କେ ?ଣସି ସାଇକେଲ ଉତ୍ପାଦନକାରୀ କଂପାନି ବା ବ୍ୟାଙ୍କ ବା ସରକାରଙ୍କ ପକ୍ଷରୁ ଏଭଳି କ୍ଷୁଦ୍ର ଋଣର ବ୍ୟବସ୍ଥା ନାହିଁ । ଅବଶ୍ୟ, କେତେକ ରାଜ୍ୟ ସରକାର ଛାତ୍ରୀ ବା ମହିଳାମାନଙ୍କୁ ସାଇକେଲ ବଂଟନ କରୁଛନ୍ତି ; କିନ୍ତୁ ତାହା ଯଥେଷ୍ଟ ନୁହେଁ । ବରଂ, ସାଇକେଲ କିଣିବା ଲାଗି ସହଜ କିସ୍ତିରେ ଋଣ ମିଳିଲେ ସାଇକେଲ କ୍ରେତାଙ୍କ ସଂଖ୍ୟାରେ ବୃଦ୍ଧି ଘଟନ୍ତା । ଆଉ ଗୋଟିଏ ବଡ଼ କଥା ହେଲା ଅଧିକାଂଶ ଭାରତୀୟ ସଡ଼କରେ ସାଇକେଲ ଆରୋହୀମାନେ ଅପାଂକ୍ତେୟ ଭଳି ଲାଗନ୍ତି ଏବଂ ସେମାନଙ୍କ ଜୀବନ ଭିଡ଼ ସଡ଼କରେ ବିପନ୍ନ ହୋଇପଡ଼େ । ଏ ସଂଦର୍ଭରେ କଲମ୍ବିଆର ରାଜଧାନୀ ବୋଗୋଟାର ମେୟରଙ୍କ ଭାଷଣ ସ୍ମରଣକୁ ଆସେ, ଯହିଁରେ ସେ କହିଥିଲେ ଯେ ୩୦ ଡଲାର ମୂଲ୍ୟର ସାଇକେଲ ଚଳାଉଥିବା ଲୋକର ଜୀବନ ୩୦ ହଜାର ଡଲାର ମୂଲ୍ୟର କାର ଚଳାଉଥିବା ଲୋକର ଜୀବନ ତୁଳନାରେ ଗୌଣ ନୁହେଁ । ଏଥି ଲାଗି ସେ ୧୯୯୮ରେ ବୋଗୋଟା ସହରରେ ୩୦୦ କିଲୋମିଟର ଦୀର୍ଘ ଏକ ସୁବ୍ୟବସ୍ଥିତ ଏବଂ ସ୍ୱତନ୍ତ୍ର 'ଗ୍ରିନୱେ' ନିର୍ମାଣର ବ୍ୟବସ୍ଥା କରିଥିଲେ, ଯାହା ଫଳରେ ସେଠାରେ ସାଇକେଲ ବ୍ୟବସାୟରେ ବିଶେଷ ବୃଦ୍ଧି ଘଟିଥିଲା । ଏଥିରୁ ଆମ ଦେଶ ତଥା ଆମ ରାଜ୍ୟ ଶିକ୍ଷା ଲାଭ କରିବାର ଆବଶ୍ୟକତା ରହିଛି, ଯାହା ସାଇକେଲ ବ୍ୟବହାରରେ ବୃଦ୍ଧି ଘଟାଇ ସାଇକେଲ ବ୍ୟବସାୟକୁ ପରିପୁଷ୍ଟ କରିବ । ଉଲ୍ଲେଖଥାଉ କି ୨୦୨୦ରେ ସାଇକେଲକୁ ଆଧାର କରି 'ନିତି' ଆୟୋଗ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ ଯଦି ୮ କିଲୋମିଟର ଦୂରତା ଭିତରେ କାରବାର କରିବା ଲାଗି ଲୋକେ ଦୁଇଚକିଆ ଏବଂ ଚାରିଚକିଆର ବ୍ୟବହାର ପରିବର୍ତ୍ତେ ସାଇକେଲ ବ୍ୟବହାର କରନ୍ତେ, ତେବେ ଭାରତର ତୈଳ ଇନ୍ଧନର (ପେଟ୍ରୋଲ ଓ ଡିଜେଲ) ଖର୍ଚ୍ଚ ବାବଦକୁ ୨,୭୦୦ କୋଟି ଟଙ୍କା ବଂ ପାରନ୍ତା । କେବଳ ସେତିକି ନୁହେଁ, ମୋଟର ଗାଡ଼ି ଚାଳନାଜନିତ ବାୟୁ ପ୍ରଦୂଷଣ କମି ଏହି କାରଣରୁ ହେଉଥିବା ରୋଗର ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ହେଉଥିବା ଖର୍ଚ୍ଚ, ଯାହା କି ପ୍ରାୟ ବାର୍ଷିକ ୨୪,୧୦୦ କୋଟି ଟଙ୍କା ବଂ ପାରନ୍ତା । ତେଣୁ ସାଇକେଲ ଉତ୍ପାଦନ, ବ୍ୟବସାୟ ଓ ବ୍ୟବହାର ସବୁ କିଛି ଅଧିକ ପ୍ରୋତ୍ସାହନ ପାଇବା ଜରୁରୀ । ଏକ ସମସ୍ୟା ହେଲା ବିଶ୍ୱ ବଜାରରେ ଭାରତୀୟ କମ୍ପାନିମାନଙ୍କ ଦ୍ୱାରା ଉତ୍ପାଦିତ ସାଇକେଲର ଦର ତୁଳନାତ୍ମକ ଭାବରେ ଅଧିକ । ତେଣୁ ଚୀନା ସାଇକେଲ ସହ ପ୍ରତିଯୋଗିତା କରିବା ଭାରତୀୟ ସାଇକେଲ ପକ୍ଷରେ ସମ୍ଭବ ହେଉନାହିଁ । ଏହା ପଛରେ ଥିବା ଏକ ମୁଖ୍ୟ କାରଣ ହେଲା ପ୍ରିମିଅମ ବା ଉନ୍ନତ କିସମର ସାଇକେଲ ଉତ୍ପାଦନ ଲାଗି ଆବଶ୍ୟକ କଂାମାଲ ଏବଂ ପ୍ରଯୁକ୍ତି ଦୃଷ୍ଟିରୁ ଆମେ ଚୀନ ତୁଳନାରେ ପଛୁଆ । ସେମିତି ଟେଷ୍ଟିଙ୍ଗ ଏବଂ 'ରିସର୍ଚ ଡେଭଲପମେ[' ପାଇଁ ଭାରତୀୟ ସାଇକେଲ କଂପାନିଗୁଡ଼ିକ ବ୍ରିଟେନ, ହଂକଂ ନହେଲେ ୟୁରୋପୀୟ ରାଷ୍ଟ୍ର ଉପରେ ନିର୍ଭର କରନ୍ତି । ଫଳରେ ଭାରତୀୟ ସାଇକେଲ କଂପାନିଗୁଡ଼ିକ ଉତ୍ପାଦନରେ ଅଧିକ ବ୍ୟୟ କରନ୍ତି । କେବଳ ସେତିକି ନୁହେଁ, ସାଇକେଲ ଉପରେ 'ଜିଏସଟି' ହେଉଛି ୧୨%, ଯାହା ଆର୍ଥିକ ଦୃଷ୍ଟିକୋଣରୁ ଅଧିକ । ଆମ ଦେଶରେ ମୁଖ୍ୟତଃ ନିମ୍ନ ବିନ୍ତ ଲୋକେ ସାଇକେଲ ବ୍ୟବହାର କରୁଥିବାରୁ ଜିଏସଟିକୁ ୫%ରେ ସୀମିତ ରଖାଯିବା ଉଚିତ । ଏହା ଭାରତୀୟ ସାଇକେଲର ଦରକୁ ତୁଳନାତ୍ମକ ଭାବେ ନୀଚା ରଖିବ । ଏଠାରେ ପ୍ରକାଶ ଥାଉ କି ଚୀନ ଉତ୍ପାଦିତ ସାଇକେଲର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ସାଇକେଲ ତୁଳନାରେ ୧୫% କମ୍ ? । ଆମ ଦେଶରେ ସାଇକେଲ ମୁଖ୍ୟତଃ ଷ୍ଟିଲରେ ତିଆରି ହୋଇଥାଏ । ଚୀନରେ କିନ୍ତୁ ତାହା ଅନ୍ୟାନ୍ୟ ମିଶ୍ର ଧାତୁ ବା ଆଲୟ ବା ଫାଇବର ବା ଟିଟାନିଅମରେ ନିର୍ମିତ, ଯେଉଁଥି ଲାଗି ସେଠାରେ ନୂଆ ଟେକ୍ ?ନୋଲୋଜି ରହିଛି । ସେମିତି ସାଇକେଲ ତିଆରି ଲାଗି ଆବଶ୍ୟକ କଳ କଳ୍ ?ଜା ଏବଂ ଯନ୍ତ୍ରପାତି କ୍ଷେତ୍ରରେ ଚୀନ ଆତ୍ମନିର୍ଭର ହୋଇ ପାରିଥିବା ବେଳେ ଭାରତ ସେଭଳି ହୋଇପାରିନାହିଁ । ଏବେ ବି ଆମ ଦେଶର ଅନେକ କାରଖାନରେ ସାଇକେଲ ମାନୁଆଲ ବା ମଣିଷ ଦ୍ୱାରା ୱେଲଡିଂ ଓ ପୁରୁଣା ଢଙ୍ଗରେ ରଙ୍ଗ ଦିଆ ପଦ୍ଧତିର ଅବଲମ୍ବନ କରାଯାଉଛି । ଚୀନରେ ସାଇକେଲ କାରଖାନାଗୁଡ଼ିକ 'ଅଟେମେସନ୍ ?' ଉପରେ ନିର୍ଭରଶୀଳ ବା ସବୁ କିଛି ଯନ୍ତ୍ର ଦ୍ୱାରା ପରିଚାଳିତ । ତେଣୁ ଚୀନା ସାଇକେଲର ଆଦର ଭାରତୀୟ ସାଇକେଲ ତୁଳନାରେ ଅଧିକ ବୋଲି ଜଣାଯାଇଥାଏ । ତେଣୁ ପ୍ରଥମ କଥା ହେଲା, ଭାରତୀୟ ସାଇକେଲ କମ୍ପାନିଗୁଡ଼ିକୁ ଉତ୍ପାଦନ ଖର୍ଚ୍ଚ କମ୍ ? କରିବାକୁ ହେବ । ଦ୍ୱିତୀୟରେ ସାଇକେଲ ଉପରୁ 'ଜିଏସ୍ ?ଟି' କମ୍ ? କରାଯିବା ଆବଶ୍ୟକ । ତୃତୀୟରେ ଉନ୍ନତ ଟେକନୋଲୋଜି ସାହାଯ୍ୟରେ ହାଲୁକା ଏବଂ ଆଙ୍ଗିକ ଦୃଷ୍ଟିରୁ ଚିନ୍ତାକର୍ଷକ ସାଇକେଲ ଉତ୍ପାଦନ କରିବାକୁ ହେବ । ଚତୁର୍ଥରେ ରାସ୍ତାଘାଟକୁ ସାଇକେଲ ଚାଳନା ଲାଗି ଅନୁକୂଳ କରିବାକୁ ହେବ । ଏବେ ସାଇକେଲ ଉଦ୍ୟୋଗ ପରିପ୍ରେକ୍ଷୀରେ ଆମ ରାଜ୍ୟ କଥା ବିଚାର କରିବା । ଏବେ ଭାରତରେ ସାଇକେଲ ତିଆରି ମୁଖ୍ୟତଃ ଆସେମ୍ବ୍ଲି ୟୁନିଟ ଜରିଆରେ ହୋଇଥିବାରୁ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଆମ ରାଜ୍ୟ ଏଭଳି କାରଖାନା ସ୍ଥାପନ ଦିଗରେ ପଦକ୍ଷେପ ?ନବା ଉଚିତ । କିନ୍ତୁ ସତ କହିଲେ ସାଇକେଲ କାରଖାନା ବସାଇବା ନେଇ ଆମ ରାଜ୍ୟ ସରକାରଙ୍କ କୌଣସି ପରିକଳ୍ପନା ନାହିଁ । ଆମ ରାଜ୍ୟରେ ସାଇକେଲ ଚାଳକଙ୍କ ହାର ଅଧିକ । ତେଣୁ ଏହି ଉଦ୍ୟୋଗ ସକାଶେ ପରିକଳ୍ପନା କରାଯିବା ଅଧିକ ଜରୁରୀ । ଉଲ୍ଲେଖ ଥାଉ କି ଭାରତ ସରକାର ୨୦୨୧ରେ 'ସ୍କେଲ କମିଟି' ଗଠନ କରି ସାଇକେଲ ଉତ୍ପାଦନକୁ ସମ୍ପୂର୍ଣ୍ଣ ସ୍ୱଦେଶୀ କରିବା ଉପରେ ଧ୍ୟାନ ଦେଇଛନ୍ତି । ରାଜ୍ୟ ସରକାର ଏହାର ସୁଯୋଗ ନେଇ ଓଡ଼ିଶ ?ାରେ ସାଇକେଲ ଉଦ୍ୟୋଗର ବିକାଶ ଦିଗରେ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିବା ଉଚିତ ।

ନେତାମାନଙ୍କ ଭିତରେ ଭଦ୍ରଲୋକ

ଗୌରହରି ଦାସ

'ତୁମେ ତ ଜାଣିଲ ନାହିଁ କିଏ ଦେଲା ଗଳେ ଫୁଲମାଳା/ ତୁମେ ତ ଦେଖିଲ ନାହିଁ କିଏ ତୁମ ପଛେ ପଛେ ଗଲା/ ଚରଣ ପରଶି କିଏ ମଥା ନୋଇଁ ଦେଲା ଅଶ୍ରୁ ଢାଳି/ କେ କରିଲା ସଂକୀର୍ତ୍ତନ ତୁମ ନାମେ ଦେଇ କରତାଳି ।' (ଗୋଦାବରୀଶ ମହାପାତ୍ର) ଶରତ ସକାଳରେ ହୁଗୁଳା ଡେମ୍ଫରୁ ଗଙ୍ଗଶିଉଳି ଫୁଲ ଝଡ଼ିଯିବା ପରି ଶେଖ୍ ମତଲୁବ ଅଲ୍ଲୀ ନିଃଶବ୍ଦରେ ଆମମାନଙ୍କ ଗହଣରୁ ବିଦାୟ ନେଇଗଲେ । ଆଉ ବହି ମେଳାରେ କି ସାହିତ୍ୟ ସଭାରେ ତାଙ୍କ ସହ ଦେଖା ହେବ ନାହିଁ, ଟେଲିଫୋନ୍‌ରେ ଶୁଣିବାକୁ ମିଳିବ ନାହିଁ ତାଙ୍କର ସ୍ୱର, ବିଶ୍ୱାସ କରି ହେଉନାହିଁ । ସେ ଚାଲିଗଲେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ, କର୍ମୀ, ବନ୍ଧୁ ଏବଂ ଅନୁରାଗୀମାନଙ୍କୁ ପଛରେ ଛାଡ଼ିଦେଇ । କିଛିଦିନ ତଳେ କରୋନା ମହାମାରୀ ତା'ର ବିଭୀଷିକା ରଚିବା ଆଗରୁ ଜୟଦେବ ଭବନରେ ଦେଖା ହୋଇଥିଲା । କିଏ ଜଣେ ବକ୍ତା ବାହାରୁ ଆସି ଥାଆନ୍ତି । ଲକ୍ଷ୍ୟ କଲି, ମଝାମଝି ଧାଡ଼ିରେ ମତଲୁବ ବାବୁ ବସି ଖଣ୍ଡିଏ କାଗଜ ଉପରେ ଦରକାରୀ ପଏଂଟଗୁଡ଼ିକ ଟିପି ନେଉ ଥାଆନ୍ତି । ଆଗରୁ ଆଉ କେତେ ଥର ମଧ୍ୟ ସେହି ପ୍ରକାର କଥା ଲକ୍ଷ୍ୟ କରିଥିଲି । ମନୋଜ ବାବୁ (ଦାସ) ଭାଷଣ ଦେଉଥିବା ସଭାରେ ସେ ନିଶ୍ଚୟ ଉପସ୍ଥିତ ରହି ଥାଆନ୍ତି ଏବଂ ତାଙ୍କୁ ଭଲ ଲାଗୁଥିବା କଥାଗୁଡ଼ିକ ଟିଂ ନେଉ ଥାଆନ୍ତି । କୌଣସି ସମୟରେ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ବୋଲି ଧସେଇ ଆଗକୁ ମାଡ଼ି ଯିବାର ପ୍ରବଣତା ତାଙ୍କଠାରେ ଲକ୍ଷ୍ୟ କରିନାହିଁ । ଏଭଳି ସାହିତ୍ୟମନସ୍କ ଓ ସଂସ୍କୃତି ‗ଣ ରାଜନେତାମାନେ ଓଡ଼ିଶାର ସାଧାରଣ ଜୀବନରୁ ଧୀରେ ଧୀରେ ଚାଲି ଯାଉଥିଲେ, ଶେଷରେ ଶେଖ୍ ମତଲୁବ ଅଲ୍ଲୀ ମଧ୍ୟ ଚାଲିଗଲେ । ନେତାମାନଙ୍କ ଭିତରେ ସେ ଥିଲେ ଭଦ୍ରଲୋକ, ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଡ଼ମ୍ବରଶୂନ୍ୟ ଓ ସଂସ୍କୃତିସମ୍ପନ୍ନ । ଅନେକ କଥା ମନେ ପଡ଼ି ଯାଉଛି । ପ୍ରଥମ ପରିଚୟ 'ସମ୍ବାଦ'ର ନୟାପଲ୍ଲୀ ପରିସରରେ ୧୯୮୫ରେ । ଗଣକବି ବୈଷ୍ଣବ ପାଣିଙ୍କ ଫଟୋଚିତ୍ର ଛପାଇବା ଲାଗି ସେ ଆସି ଥାଆନ୍ତି । ସେତେବେଳେ ଗଣକବିଙ୍କ ଚିତ୍ର ସବୁ ଜାଗାରେ ମିଳୁ ନଥାଏ । ମତଲୁବ ଅଲ୍ଲୀ ହଜାର ହଜାର ସଂଖ୍ୟାରେ ଗଣକବିଙ୍କ ଚିତ୍ର ଛପେଇ ଚାରିଆଡ଼େ ବାଟିଂଥିଲେ । ଫଳରେ ଗଣକବିଙ୍କ ଫଟୋ ବିଭିନ୍ନ ସ୍ଥାନରେ ସୁଲଭ୍ୟ ହୋଇଥିଲା । ଏମିତି ଦିନେ ଗଣକବିଙ୍କ ଜୟନ୍ତୀ ସଭାକୁ ଯିବା ଲାଗି ସେ ମୋତେ ନିମନ୍ତ୍ରଣ କରିଥିଲେ । ପ୍ରତି ବର୍ଷ ପାଣି ଜୟନ୍ତୀ ବେଳକୁ ମାହାଙ୍ଗା ଉତ୍ସବମୁଖର ହୋଇଥାଏ । ସପ୍ତାହେ କି ଅଧିକ ଦିନ ଧରି ଅନୁଷ୍ଠିତ ସାହିତ୍ୟ ସଭାକୁ ପ୍ରତ୍ୟହ ଆଠ ଦଶଜଣ ବକ୍ତା ଯାଆନ୍ତି । ଭାଷଣ ହୁଏ, ତା' ସାଙ୍ଗକୁ ଗଣକବିଙ୍କ ଗୀତିନାଟ୍ୟ । ସେତେବେଳେ ନିଜେ ମତଲୁବ ଅଲ୍ଲୀ ଜଣ ଜଣ କରି ସବୁ ବକ୍ତାଙ୍କୁ ଆମନ୍ତ୍ରଣ କରି ନେଉଥିଲେ, ସମୟେ ସମୟେ ନିଜ ଗାଡ଼ିରେ ଅତିଥିଙ୍କୁ ନେଇକି ଯାଉଥିଲେ । ତାଙ୍କରି ସୌଜନ୍ୟରୁ ଲଳିତଗିରି ସମ୍ବନ୍ଧରେ ଅନେକ କଥା ଜାଣିବାକୁ ପାଇଥିଲି । ତା'ପରେ ଥରେ ଯାଇଥିଲି ଲଳିତଗିରି । ଖରାଦିନର ଜହ୍ନରାତିରେ ଲଳିତଗିରି ଉପରେ କିଛି ସମୟ ବିତେଇବାର ସେହି ଅନିର୍ବଚନୀୟ ଅନୁଭୂତି ଭାଷାରେ ପ୍ରକାଶ କରିହେବ ନାହିଁ । ଏହି କୀର୍ତ୍ତିରାଜିର ବିକାଶ ଲାଗି ସେ ସର୍ବଦା ବ୍ୟାକୁଳ ଥିଲେ, ବହୁବାର ସେକଥା ମୁଁ ପ୍ରତ୍ୟକ୍ଷ କରିଛି । ଓଡ଼ିଶାର ପ୍ରତ୍ୟେକ ଲେଖକ, ବୁଦ୍ଧିଜୀବୀଙ୍କ ସହ ମତଲୁବ ବାବୁଙ୍କର ଘନିଷ୍ଠ ସମ୍ପର୍କ ଥିଲା । ପ୍ରବୀଣରୁ ନେଇ ତରୁଣଙ୍କ ପର୍ଯ୍ୟନ୍ତ ଯାହାଙ୍କ ପାଖରେ କିଛି ପ୍ରତିଭା ଥିଲା, ସେ ସେମାନଙ୍କୁ ଲୋଡୁଥିଲେ । ଏ ଦିଗରେ ତାଙ୍କର ଆଗ୍ରହ ବାସ୍ତବରେ ଉଲ୍ଲେଖନୀୟ । ସମୟେ ସମୟେ ସେ ଗାଡ଼ି ଧରି ତାଙ୍କର ସାହିତ୍ୟିକ ବନ୍ଧୁମାନଙ୍କ ଘରକୁ ଚାଲି ଯାଉଥିଲେ ଏବଂ ଘଟାଂ ଘଟାଂ ଧରି ଆଲୋଚନା କରୁଥିଲେ । ଗୋଟିଏ ସମୟରେ ସେ ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ । କଳାହାଣ୍ଡିର ଏକ କଲେଜରେ ମୋର ଜଣେ ବନ୍ଧୁ ଅଧ୍ୟାପକ ଥାଆନ୍ତି । ରାତି ନଅଟା ସାଢ଼େ ନଅଟା ବେଳକୁ ବନ୍ଧୁଙ୍କ ପାଖରୁ ଫୋନ୍‌ଟିଏ ପାଇଲି, ସେମାନେ ଭୁବନେଶ୍ୱର ଆସି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିବା ଲାଗି ଦିନସାରା ବୁଲିଲେଣି; ମାତ୍ର ଦେଖା ସାକ୍ଷାତ ହୋଇପାରୁ ନାହିଁ । ମନ୍ତ୍ରୀ ବିଧାନସଭାରୁ ଫେରି ପୁଣି କେଉଁ ସଭାକୁ ଚାଲି ଯାଇଥିଲେ । ବନ୍ଧୁଙ୍କ ନିବେଦନ, ଆମେମାନେ ରାତିରେ କୋଉଠି ହେଲେ ରହି ସକାଳୁ ସକାଳୁ ଚାଲିଯିବୁ । ଥରେ ମନ୍ତ୍ରୀଙ୍କ ସହ ଟିକିଏ ଦେଖା ହୋଇଗଲେ ଆମେ ଆମ ସମସ୍ୟା ଜଣାଇ ଯାଆନ୍ତୁ । ମୁଁ ମନ୍ତ୍ରୀଙ୍କ ଘରକୁ ଟେଲିଫୋନ୍ କଲି । ଦୁଇ ତିନିଥର ଉଦ୍ୟମ କଲା ପରେ ରାତି ବାରଟା ପାଖାପାଖି ମନ୍ତ୍ରୀ ମିଳିଲେ । ମୁଁ ଅଭିମାନଭରା ଗଳାରେ କହିଲି, 'ଅଧ୍ୟାପକମାନଙ୍କର ସମସ୍ୟାର ସମାଧାନ ହେଉ ନ ହେଉ, ମାତ୍ର ଆପଣ କ'ଣ ସେମାନଙ୍କୁ ଥରେ ସାକ୍ଷାତ ବି ଦେବେନାହିଁ ।' ଶିକ୍ଷାମନ୍ତ୍ରୀ ମତଲୁବ ଅଲ୍ଲୀ ପଚାରିଲେ, 'ସେମାନେ କେଉଁଠି ଅଛନ୍ତି ? ବର୍ତ୍ତମାନ କ'ଣ ଆସି ପାରିବେ ?' ମୁଁ ସେକଥା ବନ୍ଧୁଙ୍କୁ ଜଣାଇଲି । ନିଶାର୍ଦ୍ଧରେ ଅଧ୍ୟାପକ ଦଳ ଯାଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ୧୯୯୬ ମସିହା କଥା । ଭାରତ ସେବାଶ୍ରମ ସଂଘର ପ୍ରତିଷ୍ଠାତା ଆଚାର୍ଯ୍ୟ ପ୍ରଣବାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ହେଉଥାଏ । ସେହି ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଗୋଟିଏ ସଭା ହେବା କଥା ସ୍ଥିର ହେଲା । ମୋତେ ସେଇ କମିଟିରେ ଆବାହକ ଦାୟିତ୍ୱ ଦିଆ ଯାଇଥାଏ । ମୁଁ ସେ ସଭାରେ ଯୋଗଦେବା ଲାଗି ମତଲୁବ ବାବୁଙ୍କୁ ଆମନ୍ତ୍ରଣ କଲି । ସେ ମଧ୍ୟ ରାଜି ହେଲେ । ତେବେ ମୋର କିଛି ବନ୍ଧୁ କହିଲେ, ଜୟଦେବ ଭବନର ମଂଚ ଉପରେ ସ୍ୱାମୀଜୀଙ୍କ ଫଟୋ ଓ ଜଗନ୍ନାଥଙ୍କ ଫଟୋ ଥିବ । ମତଲୁବ ବାବୁ ମୁସଲମାନ ଲୋକ । ସେ କଦାପି ଆସିବେ ନାହିଁ, ସଭା ଦିନ ଅନ୍ୟ କିଛି ବ୍ୟସ୍ତତା ଦେଖାଇ ରହିଯିବେ । ମୁଁ ଆତଙ୍କିତ ହୋଇ ପଡ଼ିଲି । ମୁଖ୍ୟ ଅତିଥି ମତଲୁବ ବାବୁ ନ ଆସିଲେ ସଭାଟା ପାଣିଚିଆ ହୋଇଯିବ । ମୋ ମୁଣ୍ଡକୁ ଆଗରୁ ଏକଥା କାହିଁକି ଆସିଲା ନାହିଁ ବୋଲି ଭାବିଲି । ମତଲୁବ ବାବୁ ତାଙ୍କ ବେଶ ପୋଷାକ, କଥାବାର୍ତ୍ତା ଓ ଆଚରଣରେ ମୋତେ କେବେ ଜଣେ ମୁସଲମାନ ନେତା ବୋଲି ଲାଗି ନଥାନ୍ତି । ଏବେ ମୋର ଚିନ୍ତା ବଢ଼ିଲା । ଆୟୋଜକ ସ୍ୱାମୀଜୀମାନଙ୍କୁ ଏକଥା କହି ।ରୁ ନଥାଏ । ସଭା ଦିନ ଜୟଦେବ ଭବନ ଶ୍ରୋତାଙ୍କ ଗହଣରେ ଭର୍ତ୍ତି । ମୁଁ ମତଲୁବ ବାବୁଙ୍କୁ ଅପେକ୍ଷା କରିଥାଏ, ଯଦିଓ ମନରେ ସନ୍ଦେହ ଥାଏସେ ଆସିବେ ନାହିଁ । ମାତ୍ର ମୋର ସନ୍ଦେହର ଅବସାନ ଘଟେଇ ସେ ଠିକ୍ ସମୟରେ ଆସି ଜୟଦେବ ଭବନରେ ପହଂିଲେ ଏବଂ ଚମତ୍କାର ଭାଷଣ ଦେଇ ସଭିଙ୍କର ମନ ଜିଣିନେଲେ । ମୁଁ ଜାଣେନି କାହିଁକି ସେ ମୋତେ ପ୍ରଚୁର ଭଲ ପାଉଥିଲେ । ଏଥି ।ଇଁ ରବିବାର କି ଛୁଟିଦିନ ହେଲେ ସେ ତାଙ୍କ ସାଙ୍ଗରେ ବିଭିନ୍ନ ଜାଗାକୁ ଡାକି ନେଉଥିଲେ । ବାଟସାରା ସାହିତ୍ୟ ଆଲୋଚନା ଚାଲେ, ତାଙ୍କଠାରୁ ବହୁ କଥା ଶିଖିବାକୁ ମିଳେ । ସମୟେ ସମୟେ ମନେହୁଏ ସେ ଏକ ଚଳନ୍ତି ବିଶ୍ୱକୋଷ ଥିଲେ । ଓଡ଼ିଶାର ଏଭଳି କମ୍ ବିଶିଷ୍ଟ ବ୍ୟକ୍ତି ଥିବେ ଯାହାଙ୍କ ସମ୍ବନ୍ଧରେ ମତଲୁବ ବାବୁ ଜାଣି ନଥିଲେ । ମତଲୁବ ବାବୁ ଜଣେ ଅଧ୍ୟୟନଶୀଳ ବ୍ୟକ୍ତି ଥିଲେ । କିଛି ମାସ ତଳେ କଟକର ଶତାବ୍ଦୀ ଭବନରେ ଜ୍ଞାନୀନ୍ଦ୍ର ବର୍ମାଙ୍କ ସମ୍ପର୍କରେ ଏକ ସେମିନାର ହେଉଥାଏ । ମୁଖ୍ୟ ଅତିଥି ଥାଆନ୍ତି ମତଲୁବ ବାବୁ । ତାଙ୍କର ବହୁ ଭାଷଣ ମୁଁ ପୂର୍ବରୁ ବିଭିନ୍ନ ଜାଗାରେ ଶୁଣିଛି । ସେଦିନ ସେ ଜ୍ଞାନୀନ୍ଦ୍ର ବର୍ମାଙ୍କ ଉପରେ ଏତେ ସୁନ୍ଦର ଭାବରେ ବକ୍ତୃତା ଦେଲେ ଯେ ମୁଁ ମୁଗ୍ଧ ହୋଇ ତାଙ୍କୁ ଶୁଣିଥିଲି । ରାଜନେତାମାନଙ୍କର ଜୀବନ ବ୍ୟସ୍ତବହୁଳ ଜୀବନ, ସେଥି ।ଇଁ ସେମାନଙ୍କଠାରୁ କେହି ନିଦା ଭାଷଣ ଆଶା କରନ୍ତି ନାହିଁ । ପୁଣି ସମସ୍ତେ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କିମ୍ବା ଶ୍ରୀମତୀ ନନ୍ଦିନୀ ଶତପଥୀ ବା ଡକ୍ଟର ହରେକୃଷ୍ଣ ମହତାବ ନୁହନ୍ତି । ମତଲୁବ ଅଲ୍ଲୀ ଏହି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁସାରେ ଓ ଉଠାଯାଇଥିବା ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକା ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

ପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କଲେ ବସ୍ତିବାସିନ୍ଦା

ଅତାବିରା,୫/୧(ନି/ପ୍ର): ବରଗଡ ଜିଲ୍ଲା ଅତାବିରା ଏନଏସିର କଟକିଆ ପଡାବାସୀ ଓ ବନ୍ଧ ପଡାବାସୀ ଗୁରୁବାର ଅପରାହ୍ନ ସମୟରେ ଅତାବିରା ତହସିଲ କାର୍ଯ୍ୟାଳୟକୁ ଆସି ତହସିଲଦାର ବ୍ରଜକିଶୋର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ଜମିପଟ୍ଟା ପ୍ରଦାନ କରିବା ପାଇଁ ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ ଅତାବିରା ଏନଏସିର ୪ ନମ୍ବର ୱାର୍ଡରେ କଟକିଆ ପଡା ଓ ବନ୍ଧ ପଡାରେ ଦୀର୍ଘ ୬୦ ବର୍ଷରୁ ଅଧିକ ହେବ ସମସ୍ତ ବସ୍ତିବାସିନ୍ଦା ଭାବେ ଜନବସତି ସ୍ଥାପନ କରିଅଛୁ ଓ ଅତାବିରା ର ସ୍ଥାୟୀ ବାସିନ୍ଦା ଭାବେ ରହିଅଛୁ । ଏନଏସି ତରଫରୁ ଓଡିଶା ସରକାରଙ୍କ ଜାଗା ମିଶନ ଅଭିଯାନ ଚାଲିଥିବା ସମୟରେ ସମ୍ବଲପୁର ଜଡଉ ଉକ୍ତ ସ୍ଥାନକୁ ପରିଦର୍ଶନରେ ଯାଇଥିଲେ ପଡାବାସୀଙ୍କୁ ଜାଗା ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରି ପଟ୍ଟା ଦେବାପାଇଁ ଓ ସମସ୍ତ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇନାହିଁ ଖୁବଶୀଘ୍ର ପଟ୍ଟା ପ୍ରଦାନ କରାଯାଉ ବୋଲି ଉକ୍ତ ପଡାବାସି ଅତାବିରା ତହସିଲ କାର୍ଯ୍ୟାଳୟକୁ ଆସିଥିଲେ ଓ ଏକ ଅତାବିରା ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି ।

ରାତ୍ର ଜଗୁଆଳିଙ୍କୁ ପ୍ରାଣାନ୍ତକ ଆକ୍ରମଣ କଲେ ସରପଂଚଙ୍କ ସ୍ୱାମୀ

ସଇଁତଲା,୫/୧(ନି/ପ୍ର): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଡେଙ୍ଗ ପଂଚାୟତର ସରପଂଚଙ୍କ ସ୍ୱାମୀ ଟିକେଶ୍ୱର ସାହୁ ଓ ତାଙ୍କ ସମର୍ଥକ ମିଶି ବ୍ଲକର ରାତ୍ର ଜଗୁଆଳି ସୁମନ୍ତ ଭୋଇ (୫୪)ଙ୍କୁ ପ୍ରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା ରାତ୍ର ଜଗୁଆଳି ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ରାତି ୯ଟା ୧୫ରେ ରାତ୍ର ଜଗୁଆଳି ଶ୍ରୀ ଭୋଇ ବ୍ଲକ କାର୍ଯ୍ୟାଳୟକୁ ଯାଉଥିବା ବେଳେ ତହସିଲଦାରଙ୍କ ସରକାରୀ ବାସଭବନ ସମୁଖରେ ଡେଙ୍ଗ ପଂଚାୟତର ସରପଂଚଙ୍କ ସ୍ୱାମୀ ଟିକେଶ୍ୱର ସାହୁ ଓ ଅନ୍ୟ ଦୁଇ ଜଣ ମିଶି ନିସ୍ଥୁକ ମାଡ଼ ମାରିଥିଲେ । ଏ ସମ୍ପର୍କରେ ଗୁରୁବାର ଶ୍ରୀ ଭୋଇ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି । ରାତ୍ର ଜଗୁଆଳିଙ୍କୁ କାହିଁକି ଆକ୍ରମଣ କରାଯାଇଛି, ସେ ସଂପର୍କରେ ଜଣାପଡ଼ି ନାହିଁ । ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥାଏ ପାରେ ବୋଲି ଅନୁମାନ କରାଯାଉଛି ।

ଧାନ ଓ କପା ମଣ୍ଡିରେ କଟ୍‌ନି ଛଟ୍‌ନି ପ୍ରତିବାଦ : ବିଜେପି ପକ୍ଷରୁ କଳାହାଣ୍ଡି ବନ୍ଦ ପାଳନ

ଭବାନୀପାଟଣା,୫/୧(ନି/ପ୍ର): କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କ ଧାନ ଓ କପାର କଟ୍‌ନି ଛଟ୍‌ନି ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ କରାଯାଇଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ସରକାର ମିଲର୍ସ ଓ ଦଲାଲମାନଙ୍କ ସହ ମିଶି ଚାଷୀଙ୍କୁ ଲୁଟ୍ କରୁଛନ୍ତି । ଚଳିତ ବର୍ଷ ଖରିଫ ଋତୁର ଧାନ ନଭେମ୍ବର ୧୫ ମଧ୍ୟରେ ଅମଳ ହୋଇଛି । କିନ୍ତୁ ମଣ୍ଡି ଡିସେମ୍ବର ମାସରେ ଆରମ୍ଭ ହୋଇଛି । ଟୋକନ ଗୁଡିକ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦିଆଯାଇଥିବା କାରଣରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ର ସରକାର ଚାଷୀର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ଲାଭକାରୀ ଯୋଜନା ମାଧ୍ୟମରେ ଓଡିଶା ସରକାରଙ୍କୁ ବହୁତ ପରିମାଣରେ ଆର୍ଥିକ ସହଯୋଗ ଯୋଗାଇ ଦେବା ସତ୍ତ୍ୱେ ଚାଷୀମାନଙ୍କୁ ଉପେକ୍ଷ କରି ଯୋଜନାଗୁଡିକୁ କାର୍ଯ୍ୟକ୍ଷମ କରୁ ନାହାନ୍ତି । ପ୍ରତ୍ୟେକ ମଣ୍ଡିରେ କ୍ୱିଂଟାଲ ପିଛା ୭ କେଜିରୁ ୧୦ କେଜି ଧାନ କଟ୍‌ନି ଛଟ୍‌ନି ହେଉଛି । ଏହାର ପ୍ରତିବାଦରେ ଗୁରୁବାର ଜିଲ୍ଲା ବିଜେପି ଓ ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ବ୍ୟାପି ବନ୍ଦ ପାଳନ କରାଯାଇଥିଲା । ଜିଲ୍ଲା ବିଜେପି ସଭାପତି ଆର୍ନ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ ହୋଇଥିଲା । ଭବାନୀପାଟଣା ସହରର କଲେଜ ଛକ, ନକଟିଗୁଡା ଛକ, ଘୋଡାଘାଟ ଛକ, ଦୟାନିଧି ଛକ, ମାଣିଙ୍ଗ ଛକ,ପାଷ୍ଟିକୁଡ଼ି ଛକ, ମେଦିନିପୁର ଛକ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକ ଅନୁଷ୍ଠିତ ହୋଇଥିଲା । ସମସ୍ତ ସ୍କୁଲ କଲେଜ, ସରକାରୀ, ବେସରକାରୀ ଅଫିସ୍, ବ୍ୟାଙ୍କ, ପୋଷ୍ଟ ଅଫିସ ଗୁଡିକ ବନ୍ଦ ରହିଥିଲା । ବିଜେପି କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ ।

ଯୁବକଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର, ଜଣେ ଅଟକ

କାଲିମେଲା,୫/୧(ନି/ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଏମଭି ୧୨୬ ଜଙ୍ଗଲରେ ଜଘନ୍ୟ ହତ୍ୟାକାଣ୍ଡ ହୋଇଛି । ନୂଆବର୍ଷ ଦିନ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିବା ଜଣେ ଯୁବକଙ୍କର ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ହେଲେ ବଜା ମିଛୁ । ସୂଚନା ଅନୁସାରେ ନୂଆବର୍ଷ ଦିନ ତାଗୁରୁକୋଟା ଗ୍ରାମର କାନା ମିଛୁଙ୍କ ପୁଅ ବଜା ମିଛୁ ନିଜର ୩ ଜଣ ସାଙ୍ଗଙ୍କ ସହିତ ପୂର୍ବାହ୍ଣରେ ବଣଭୋଜି କରିବାକୁ ଯାଇଥିଲେ । ସେଦିନ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ବଜାଙ୍କୁ ଆଉ ପାଇ ପାରି ନଥିଲେ । ଫଳରେ ପୁଅ ନିଖୋଜ ନେଇ ମୋଟୁ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି ବଜା ମିଛୁଙ୍କ ମୁଣ୍ଡ ବିହୀନ ମୃତଦେହ ଜଙ୍ଗଲରୁ ଉଦ୍ଧାର ହୋଇଛି । ମୃତଦେହ ଠାବ କରାଯିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ତେବେ ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି । ପୁଲିସ ତଦନ୍ତ ପରେ ବଜାଙ୍କର ମୃତ୍ୟୁ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି ।

ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ

ବ୍ରଜରାଜନଗର,୫/୧(ନି/ପ୍ର): ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ବଢ଼ିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସନ୍ତା ୮ତାରିଖ ଦିନ ଜଳଭଣ୍ଡାରରେ ପକ୍ଷୀ ଗଣନା କରାଯିବ । ଏହି କାମ ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ବ୍ରଜରାଜନଗରର ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱକୁ ଲାଗିଥିବା ଅଂଚଳରେ ପକ୍ଷୀ ଗଣନା ପାଇଁ ୮ଟି ସେକ୍ଟର କରାଯାଇଛି । ସେଥିରେ ବ୍ରଜରାଜନଗର ବନାଂଚଳରେ ୧୫ ଓ ୧୬ ନମ୍ବର ସେକ୍ଟରରେ ତିଲିଆ, ଗୁଜାପାହାଡ଼ ଅଂଚଳ ଓ ବେଲପାହାଡ଼ ବନାଂଚଳରେ ଥିବା ୯ ଓ ୧୦ ନମ୍ବର ସେକ୍ଟରରେ ଝାରପଡ଼ା, ୧୧, ୧୨, ୧୩ ଓ ୧୪ ନମ୍ବର ସେକ୍ଟରରେ ରମ୍ପାଲୁଗା ରହିଛି । ପକ୍ଷୀ ଗଣନା କାର୍ଯ୍ୟ ପାଇଁ ସମୁଦାୟ ୧୩ଟି ବୋଟ ବ୍ୟବହାର ହେବ । ସେଥିରେ ୫ଟି ଶବ୍ଦ ବିହୀନ ବୋଟ ରହିବା ସମୟରେ ଅନ୍ୟଗୁଡ଼ିକ ଡଙ୍ଗା ବ୍ୟବହାର ହେବ । ଗତବର୍ଷ ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱକୁ ଲାଗିଥିବା ଏହି ଅଂଚଳକୁ ୧୦୮ ପ୍ରଜାତିର ପ୍ରାୟ ୧ ଲକ୍ଷ ୨୦

ହଜାର ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିଲା । ମଙ୍ଗୋଲିଆରୁ ଆସିଥିବା ଲେସର ହୁଇସିଲିଙ୍ଗ ଡକ୍ ? ଅଧିକ ଥିଲେ । ଏଥିରେ ନୂତନ ଭାବେ ଆସିଥିବା ୧୦ଟି ପ୍ରଜାତି ରହିଥିଲେ । ପକ୍ଷୀ ଗଣନା ପାଇଁ ବ୍ରଜରାଜନଗର ଓ ବେଲପାହାଡ଼ ବନାଂଚଳ ପାଇଁ ୯ ନମ୍ବର ସେକ୍ଟର ପାଇଁ ଫରଷ୍ଟେର ଲଳିତ ଆଢ଼ା, ଫରେଷ୍ଟଗାର୍ଡ ମାନସ ପଟେଲ, ୧୦ ନମ୍ବର ସେକ୍ଟରରେ ଫରେଷ୍ଟର ହରେନ୍ଦ୍ର ସାହୁ, ଫରେଷ୍ଟଗାର୍ଡ ସୌଦାଗର କିସାନ, ୧୧ ନମ୍ବର ପାଇଁ ଫରେଷ୍ଟର ବୁଧରାମ ରୋହିଦାସ ଓ ଗାର୍ଡ ଯୁଧିଷ୍ଠିର ବାରୁ, ୧୨ ନମ୍ବର ପାଇଁ ଫରେଷ୍ଟର ସରୋଜ ଭୋଇ ଗାର୍ଡ ଭାଗୀରଥି ପ୍ରଧାନ, ୧୩ ନମ୍ବର ପାଇଁ ଫରେଷ୍ଟର ସୁନୀଲ ଭୋଇ ଗାର୍ଡ ସୁରେଶ ତରେଇ, ୧୪ ନମ୍ବର ପାଇଁ ଫରେଷ୍ଟର ଡୋଳାମଣି ନାୟକ ଗାର୍ଡ ସୁରେନ୍ଦ୍ର ଖମାରୀ, ୧୫ ନମ୍ବର ପାଇଁ ଫରେଷ୍ଟର ଅରକ୍ଷିତ ପ୍ରଧାନ ଗାର୍ଡ ଉପେନ୍ଦ୍ର ବେଶନ, ୧୬ ନମ୍ବର ପାଇଁ ଫରେଷ୍ଟର ଗୌରାଙ୍ଗ ସାହୁ ଗାର୍ଡ ଶାନ୍ତନୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ପକ୍ଷୀ ଗଣନା ପାଇଁ ବିଶେଷଜ୍ଞ ଭାବେ ଶୁଭମ ରାଉତ, ଆଶିଷ ଶୁକ୍ଳା ଗୌରାଙ୍ଗ ପତିଙ୍କ ସହିତ ଆହୁରି ୫ଜଣଙ୍କୁ ନିଯୁକ୍ତ କରାଯାଇଛି । ସେଥିପାଇଁ ୭ ତାରିଖ ସକାଳୁ ୮ତାରିଖ ଅପରାହ୍ନ ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାରକୁ ମତ୍ସ୍ୟଜୀବୀମାନଙ୍କୁ ଯିବାକୁ ବାରଣ କରାଯାଇଛି । ସେହିପରି ରମ୍ପାଲୁଗା ପିକ୍‌ନିକ୍ ସ୍ପଟ୍ ମଧ୍ୟ ବନ୍ଦ ରହିବ ବୋଲି ବେଲପାହାଡ଼ ରେଞ୍ଜର ସରମିଳ ନାୟକ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଶୀତ ଲହରି ଥିବାରୁ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀ ଜଳଭଣ୍ଡାରକୁ ଆସିଥିବେ ବୋଲି ଅନୁମାନ କରାଯାଉଛି ।

ଭିଜାଲାନ୍ସ ହାତ ରେ ଧରା ପଡିଲେ ପୋରେଷ୍ଟ ଗାଡ଼

ନବରଙ୍ଗପୁର,୫/୧(ନି/ପ୍ର): ଭିଜିଲାନ୍ସ ହାତରେ ଧରାପଡିଲେ ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ବିଟ ଫରେଷ୍ଟ ଗାର୍ଡ ବିନାୟକ ସୋରି , ବାଇକ ରେ ଏକ ଲକ୍ଷ ତେପନ ହଜାର ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ । କୌଣସି ବିଶେଷ ସୁତ୍ରରୁ ଖବର ପାଇ ତେନ୍ତୁଳିଖୁଂଟି ବ୍ଲକ ଇନ୍ଦ୍ରାବତୀ ଠାରୁ ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥ ପୁର ବିନାୟକ ସୋରି ଯିବା ସମୟରେ ଭିଜିଲାନ୍ସ ଟିମ୍ ଅଟକ ରଖି ପଚରାଉଚରା କରିବା ସମୟରେ ୧ ,୫୩ ,୦୦୦ ହଜାର ଟଙ୍କା ନିଜ ବାଇକ୍ ରୁ ବାହାରି ଥିଲା । ବିନାୟକ ଙ୍କ ନବରଙ୍ଗପୁର ର ଭଡ଼ା ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ତଦନ୍ତ ଚଳାଇଛି । ବର୍ତ୍ତମାନ ବିନାୟକ ଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛନ୍ତି ଭିଜିଲାନ୍ସ ଟିମ୍ । ନବରଙ୍ଗପୁର ଜିଲ୍ଲା ଭିଜିଲାନ୍ସ ଡିଏସପି ଜୟଶ୍ରୀ ପ୍ରଧାନ , ସଞ୍ଜୟ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଭିଜିଲାନ୍ସ ଦଳ ଏହି ଚଢାଉ ରେ ସାମିଲ ଥିଲେ ।

ଟ୍ରେନ୍‌ରେ ଘରକୁ ଫେରିବା ବାଟରେ ଯୁବକ ନିଖୋଜ

ଘୁ. ଉଦୟଗିରି,୫/୧(ନି/ପ୍ର): କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ କନବାଗିରି ଗ୍ରାମ ପଣସସାହି ନିବାସୀ ବିପୁଳ କୁମାର ନାୟକ (୪୧) ଟ୍ରେନ୍ ?ରେ ଘରକୁ ଫେରୁଥିବା ବେଳେ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ବିପୁଳ କୁମାର ନାୟକ ଯାଜପୁର ଜିଲ୍ଲା ସୁକିନ୍ଦା ଅଂଚଳରେ ଏକ ଘରୋଇ କମ୍ପାନିରେ କାମ କରୁଥିଲେ । ଗତ ଡିସେମ୍ବର ମାସରେ ଖ୍ରୀଷ୍ଟମାସ୍ ପାଳିବା ନିମନ୍ତେ ଛୁଟିରେ ନିଜ ଗାଁକୁ ଫେରୁଥିଲେ । ଡିସେମ୍ବର ୨୪ ତାରିଖ ଅପରାହ୍ନ ୪ ଘଂଟିକା ସମୟରେ ସୁକିନ୍ଦା, ଜଖାପୁର ଷ୍ଟେସନରେ ବଡ଼ବିଲ-

ପୁରୀ ଟ୍ରେନ ସଂଖ୍ୟା ୧୮୪୧୫, ଡି-୨ କୋଚ ବଗିରେ ଭୁବନେଶ୍ୱର ଆସିବା ପାଇଁ ଚଢ଼ିଥିଲେ ବୋଲି ସ୍ତ୍ରୀଙ୍କୁ ଫୋନକରି କହିଥିଲେ । ରାତି ୮ ଘଂଟିକା ସମୟରେ ବିପୁଳଙ୍କ ସ୍ତ୍ରୀ ପୁଣିଥରେ କଲ କରିଥିଲେ କିନ୍ତୁ ବିପୁଳ କଲ୍ ରିସିଭ୍ କରିବା ବଦଳରେ ଖୋର୍ଦ୍ଧା ଜଟଣି ଷ୍ଟେସନ କର୍ମଚାରୀ କଲ ରିସିଭ୍ କରି ତାଙ୍କ ଜିନିଷ ପତ୍ର ଅଛି କିନ୍ତୁ ବିପୁଳ ଅନୁପସ୍ଥିତ ଥିବା କହିଥିଲେ । ଖବର ପାଇ ପରିବାର ଲୋକେ ଉକ୍ତ ଷ୍ଟେସନକୁ ଯାଇ ବୁଝାବୁଝି କରିଥିଲେ । ସେହିଦିନ ଠାରୁ ପରିବାର ଲୋକେ ବହୁ ସ୍ଥାନରେ ଖୋଜାଖୋଜି କଲା ପରେ ନିରାଶ ହୋଇ କଟକ ଜିଆରପି ଷ୍ଟେସନରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି ।

ସରକାରୀ ଜମି ଜବରଦଖଲ ଉଚ୍ଛେଦ

ଲଛିପୁର,୫/୧(ନି/ପ୍ର): ସୋନପୁର ବ୍ଲକ୍ ଲଛିପୁର ଥାନା ମାଟିଆପାଲିଠାରେ ସରକାରୀ ଜମି ଜବରଦଖଲ କରି ଅବୈଧ ଭାବେ ନିର୍ମାଣ କରି ରହୁଥିବା ଘରକୁ ଭାଙ୍ଗିଲା ପ୍ରଶାସନ । ନିଜ କ୍ଷମତା ବଳରେ ସରକାରୀ ଜମିକୁ ଜବରଦଖଲ କରି କିଛି ଲୋକ ବର୍ଷ ବର୍ଷ ଧରି ରହିଆସୁଥିଲେ । ଘରଗୁଡ଼ିକର ଯାଂଚ କରାଯାଇ ୧୨ଟି ଘର ଚିହ୍ନଟ ହୋଇଥିଲା । ସେଗୁଡ଼ିକୁ ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ଉଚ୍ଛେଦ କରାଯାଇଥିଲା । ମାଜିଷ୍ଟ୍ରେଟ ଭାବେ ଦିବ୍ୟଜ୍ୟୋତି ପରିଡ଼ା, ତହସିଲଦାର ସୌମ୍ୟରଞ୍ଜନ ରଥ, ଆଡିସନାଲ ତହସିଲଦାର ଯୋଗେଶର ଧରୁଆ ଓ ପୁଲିସ ଫୋର୍ସ ଉପସ୍ଥିତଥିଲେ ।

ସାମ୍ବାଦିକ ବୀରେନ୍ଦ୍ର ପଣ୍ଡାଙ୍କ ପରଲୋକ

ସମ୍ବଲପୁର,୫/୧(ନି/ପ୍ର): ବୁର୍ଲାର 'ସମ୍ବାଦ' ପ୍ରତିନିଧି ତଥା ସ୍ୱେଚ୍ଛାସେବୀ ବୀରେନ୍ଦ୍ର କୁମାର ପଣ୍ଡା (ବିଜୁ)ଙ୍କ ଗୁରୁବାର ଅପରାହ୍ଣରେ ପରଲୋକ ହୋଇଛି । ତାଙ୍କୁ ମାତ୍ର ୪୪ ବର୍ଷ ହୋଇଥିଲା । ସେ କିଛିମାସ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ମୁମ୍ବାଇରେ ଚିକିତ୍ସାଧୀନ ଥିବା ବେଳେ ନଭେମ୍ବର ଶେଷ ସପ୍ତାହରେ ବୁର୍ଲା ଫେରିଥିଲେ । ସେଠାରେ ନିୟମିତ ବ୍ୟବଧାନରେ କେମୋ ନେଉଥିଲେ । ଗୁରୁବାର ଅପରାହ୍ଣ ସାଢ଼େ ୨ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ଚିକିତ୍ସା ପାଇଁ ତୁରନ୍ତ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ତାଙ୍କ ପଛରେ ପତ୍ନୀ ପ୍ରଭାସିନୀ, ଝିଅ ପ୍ରିୟାଂଶୀ, ପୁଅ କାହ୍ନା, ମା' ସ୍ନେହଲତା, ଭାଇ ଜିତେନ୍ଦ୍ର ଓ ଭାଉଜ ଗାୟତ୍ରୀଙ୍କୁ ଛାଡ଼ି ଯାଇଛନ୍ତି । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ବୁର୍ଲା, ସମ୍ବଲପୁର ଓ ଧନକଉଡ଼ା ଅଂଚଳର ସାମ୍ବାଦିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବୁର୍ଲା କଟାପାଲିସ୍ଥିତ ବାସଭବନରେ ପହଂଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ରାତିରେ ସମ୍ବଲପୁର ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ଭାଇ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ । ଯୁଯୁମୁରା ବ୍ଲକ କେଶାପାଲି ଗାଁର ମୂଳନିବାସୀ ବୀରେନ୍ଦ୍ର ଜଣେ ନିଷ୍ଠାବାନ ତଥା କର୍ତ୍ତବ୍ୟପରାୟଣ ସାମ୍ବାଦିକ ଥିଲେ । ସେ ନିରନ୍ତର ଭିମ୍‌ସାରର ସମସ୍ୟା ଉତ୍‌ଥାପନ କରିବା ସହ ସେଗୁଡ଼ିକର ସମାଧାନ ପାଇଁ ତଥା ବୁର୍ଲା ସହରର ବିକାଶ ପାଇଁ ଲେଖନୀ ମାଧ୍ୟମରେ ଚେଷ୍ଟିତ ଥିଲେ । ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ଠାରୁ ଆରମ୍ଭ କରି ବିଭିନ୍ନ ସମାଜସେବା କ୍ଷେତ୍ରରେ ସେ ନିୟୋଜିତ ରହୁଥିଲେ । ତାଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ମହଲ ତଥା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ, ୨ ଅଭିଯୁକ୍ତ ଜେଲ ଗଲେ

କୋକସରା,୫/୧(ନି/ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଂଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ପୁଲିସ ଧନସରା ଗ୍ରାମର ଜିତେନ୍ଦ୍ର ଶବର (୨୩) ଓ ଶଙ୍କର ରାଉତ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ନୂଆବର୍ଷ ଦିନ ପୀଡ଼ିତା ଯୁବତୀ, ବଡ଼ ଭଉଣୀ ଓ ତାଙ୍କ ଚାକର ସହ ଗାଁ ନିକଟରେ ଥିବା ଡଙ୍ଗରୀ ପାଖକୁ ପିକନିକ୍ କରିବା ପାଇଁ ଯାଇଥିଲେ । ସେଠାରେ ପୀଡ଼ିତା ବୁଲାବୁଲି କରି ଫଟୋ ଉଠାଉଥିବା ବେଳେ ଦୁଇ ଜଣ ଯୁବକ ଜିତେନ୍ଦ୍ର ଓ ଶଙ୍କର ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ । ପୀଡ଼ିତା ତାଙ୍କ ପରିବାର ଲୋକଙ୍କୁ କଲ୍ କରିବାରୁ ଅଭିଯୁକ୍ତ ଦ୍ୱୟ ଫେରାର୍ ହୋଇଯାଇଥିଲେ । ଏ ନେଇ ପୀଡ଼ିତାଙ୍କ ପରିବାର ୧ ତାରିଖ ରାତିରେ ଥାନାରେ ଏତଲା ଦେଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଗୁରୁବାର ଏହି ଘଟଣାର ଦୁଇ ଅଭିଯୁକ୍ତ ଜିତେନ୍ଦ୍ର ଓ ଶଙ୍କରଙ୍କୁ

କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏଥିସହ ପୀଡ଼ିତାଙ୍କ ବୟାନ ବି ରେକର୍ଡ କରାଯାଇଥିବା କୋକସରା ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

ଦୀର୍ଘ ବର୍ଷ ହେଲା ବିଛାଯାଇଛି ପାଇପଲାଇନ, ଲୋକଙ୍କୁ ମିଳୁନାହିଁ ପାଣି

ଜି.ଉଦୟଗିରି,୫/୧(ନି/ପ୍ର): ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ବହୁ ଗ୍ରାମାଂଚଳରେ ଆଜିବି ଲୋକ ଟୋପାଏ ପିଇବା ପାଣି ପାଇଁ ତହଳ ବିକଳ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ବଣ-ପାହାଡ଼-ପର୍ବତ ଘେରା ଦୁର୍ଗମ ଅଂଚଳ କଥା ଦୂରେ ଥାଉ । ରାସ୍ତାକଡ଼ରେ ଥିବା ଗାଁ ଓ ସାହିରେ ମଧ୍ୟ ଆଜି ପିଇବା ପାଣି ସପନ ପାଲଟିଛି । ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମପଂଚାୟତର ୬ନଂ ୱାର୍ଡର କଳିଙ୍ଗା ପଂଚାୟତକୁ ଲାଗି ରହିଥିବା ଗ୍ରାମର ଦୃଶ୍ୟ ମାଦିସାହି, ରସେଡ଼ିସାହି ଏବଂ ଗେଟସାହିରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଦୀପତଳ ଅନ୍ଧାର ଭଳି ଏହି ୬ନଂ ୱାର୍ଡରେ ଦୀର୍ଘ ବର୍ଷ ହେବ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ପାଇପଲାଇନ ବିଛା ହୋଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଟୋପାଏ ପାଣି ଗ୍ରାମବାସୀ ପାଇପାରୁନାହାନ୍ତି । ବର୍ତ୍ତମାନ ବିଛାଯାଇଥିବା ପାଇପ ଗୁଡ଼ିକରେ କଳଙ୍କି ଲାଗି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ଗ୍ରାମବାସୀ ଅନେକଥର କଳିଙ୍ଗା ସରପଂଚ ଏବଂ ପ୍ରସାସନଙ୍କୁ ବାରମ୍ବାର ଅବଗତି କରିବା ପରେ ମଧ୍ୟ କାହାରି ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି । ତେଣୁ ଯଥାଶୀଘ୍ର ସେହି ଗ୍ରାମ ନିମନ୍ତେ ପାଇପ୍ ?ଲାଇନ ପାଣି କିମ୍ବା ସୋଲାର ପମ୍ପ ମାଧ୍ୟମରେ ପାଣିର ବ୍ୟବସ୍ଥା କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ସାହି ବାସିନ୍ଦା କହିଛନ୍ତି । ସେହି ଗ୍ରାମରେ ମାତ୍ର ୨ଟି ନଳକୂପ ଅଛି । ଦୁଇଟି ନଳକୂପକୁ

ଶହେ ପରିବାର କିନ୍ତୁ ଅଧିକ ସଂଖ୍ୟକ ଲୋକ ଉକ୍ତ ନଳକୂପରୁ ପାଣି ନେଲେ ଜଳସ୍ତର କମିଯାଉଛି । ଆଉ ପାଣି ଆସୁନି । ଏହିଭଳି ଅବସ୍ଥାରେ ଲୋକ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିବା ବେଳେ ଦୀପତଳ ଅନ୍ଧାର ଭଳି କଳିଙ୍ଗା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏବଂ ଜାତୀୟ ରାଜପଥ କଡରେ ୬ନଂ ୱାର୍ଡର ଏହି ସାହିଗୁଡିକ ଥିବା ବେଳେ ଦୀର୍ଘ ବର୍ଷ ହେଲା ପାନୀୟ ଜଳ ସମସ୍ୟା ଲାଗିରହିଥିଲେ ମଧ୍ୟ କାହାର ନଜର ନାହିଁ ।ସେଇଭଳି ଏହି ସାହି ଗୁଡିକ ପାଇଁ ସରକାରଙ୍କ ବସୁଧା ଯୋଜନା ଭେଳିକି ପାଲଟିଛି । ବସୁଧା ଯୋଜନାରେ ଅର୍ଥ ଆସୁଛି ବ୍ୟୟ ହେଉଛି ହେଲେ ଲୋକଙ୍କ କାର୍ଯ୍ୟରେ ଲାଗୁନି ।ଇଏ କି ଭଳି ଯୋଜନା ସାଧାରଣ ଲୋକ ବୁଝିପାରୁନାହାନ୍ତି । ସରକାରଙ୍କ ଘରେ ଘରେ ଜଳ ନାରା ଏଠି କିନ୍ତୁ ଫେଲ ମାରୁଛି । ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ସରକାରଙ୍କ ବିଭିନ୍ନ ଯୋଜନା ଦିଗହରା ହେବାରେ ଲାଗିଛି ।ଯୋଜନା ଯୋଜନା ବାଟରେ ରହିଯାଉଛି ।

ଆଜିଠୁ ଡ୍ରାଇଭର ମହାସଂଘର ଅନିର୍ଦ୍ଦିଷ୍ଟ କାଳ ଯାଏଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ରାଉରକେଲା, ୫/୧ (ନି/ପ୍ର):ଆସନ୍ତାକାଲି ଠାରୁ ଆନ୍ଦୋଳନକୁ ଜୋରଦାର କରାଯିବ । ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ । ଯେ ପର୍ଯ୍ୟନ୍ତ ଦାବି ପୂରଣ ନହୋଇଛି ସେପର୍ଯ୍ୟନ୍ତ ଚକ ଗତିବ ନାହିଁ । ଏପରି ଘୋଷଣା କରା ଯାଇଛି ସୁନ୍ଦରଗଡ଼ ଜିଲ୍ଲା ଡ୍ରାଇଭର ମହାସଙ୍ଘ ପକ୍ଷରୁ । ହିଟ୍ ଆଣ୍ଡ ରନ୍ କେସ୍ ରେ କେନ୍ଦ୍ର ସରକାର ଆଣିଥିବା ନୂତନ ଆଇନକୁ ରଦ୍ଦ କରିବା ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । ଡ୍ରାଇଭର ମହା ସଂଘର ସାରା ଦେଶରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ୪ ତାରିଖରୁ ଆରମ୍ଭ ହୋଇଥିଲେ ମଧ୍ୟ ନୂତନ ଦିନ ଜୋହକ ମନୋଭାବ ଘୋଷଣା କରାଯାଇ ଥିଲା । ମାତ୍ର ଶନିବାର ଠାରୁ ଏହି ଆନ୍ଦୋଳନକୁ ତୀବ୍ର କରାଯିବ । ଯେପର୍ଯ୍ୟନ୍ତ ହିଟ୍ ଆଣ୍ଡ ରନ୍ ଆଇନ ପ୍ରତ୍ୟାହାର ନହୋଇଛି ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଘ ପକ୍ଷରୁ କୁହା ଯାଇଛି । କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଆଇନ୍ ଅନୁଯାୟୀ, ଦୁର୍ଘଟଣା ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜରିମାନା ଦେବା ନିୟମ ଆଣିବାକୁ ଯାଉଛନ୍ତି । ଏପରି ସ୍ଥିତି ଉପୁଜିଲେ କୌଣସି ବି ଡ୍ରାଇଭର ଏତେ ଟଙ୍କା ଦେବା ସମ୍ଭବ ନୁହେଁ । ଏହାବାଦ ଦୁର୍ଘଟଣା ହେଲେ ଗୁରୁତରଙ୍କୁ ତୁରନ୍ତ ମେଡିକାଲ ନେବାକୁ କେନ୍ଦ୍ର ସରକାର ଡ୍ରାଇଭରମାନଙ୍କୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏପରି ସ୍ଥିତିରେ ଆମେ ଗାଡ଼ିକୁ ଓହ୍ଲାଇଲେ ଲୋକେ ଆମକୁ ପିଟି ମାରିଦେବେ । ସେପରି ସ୍ଥଳରେ ଆମ ଜୀବନ ସୁରକ୍ଷାର ଗ୍ୟାରେଣ୍ଟି କିଏ ଦେବ । ଏଥିସହ ଅଧିକାଂଶ ଦୁର୍ଘଟଣା ମଦ ଯୋଗୁ ଘଟୁଥିବାରୁ ସରକାର ମଦ ଦୋକାନ କାହିଁକି ବନ୍ଦ କରୁ ନାହାନ୍ତି ବୋଲି ସଙ୍ଘ ପକ୍ଷରୁ ପ୍ରଶ୍ନ କରାଯାଇଛି । ଅନ୍ୟପଟେ ସରକାର ଆଜି ପର୍ଯ୍ୟନ୍ତ ଆମ ଦାବି ଶୁଣୁ ନାହାନ୍ତି, ଭୂଆଁ ବୁଲାଉଛନ୍ତି । ରାଜ୍ୟ ସରକାରଙ୍କ ନିକଟରେ ଗତ ଥର ଆମର ୧୦ଟି ଦାବି ଥିଲା । ସେଥିରୁ ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଲେ । ହେଲେ ତାହାକୁ ଆଜି ପର୍ଯ୍ୟନ୍ତ ପୂରଣ କରି ପାରି ନାହାନ୍ତି । ତେଣୁ ଆଜିଠୁ ସମଗ୍ର ଦେଶରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ ବୋଲି କହିଛନ୍ତି ପ୍ରଶାନ୍ତ ମେଷ୍ଟୁଲି । ସୂଚନା ଥାଉଛି, କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ପ୍ରଣୟନ କରିଛନ୍ତି । ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ । ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡିବ । ତେବେ ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ଦେଶ୍ ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଇଥିଲା । ଆଉ ଦୁଇ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା । ତେବେ କେନ୍ଦ୍ର ସରକାରଙ୍କ ଏହି ହିଟ ଆଣ୍ଡ ରନ ନୂଆ ଆଇନ୍ ଓ ଦାର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଆନ୍ଦୋଳନକୁ ଓସ୍ତାଇଛି ସଂଘ ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
QUALITY ASSURANCE DIVISION, SUNDARGARH

A-1135

Superintending Engineer
Quality Assurance Division
Sundargarh

OIPR- 32489/11/0005/2324

ଓଲଟିଲା ପିକଅପ ଭ୍ୟାନ୍: ୧ ମୃତ, ୨୦ ଆହତ

ସୁନ୍ଦରଗଡ଼, ୫/୧ (ନି/ପ୍ର): ଭାରସାମ୍ୟ ହରାଇ ପିକଅପ ଭ୍ୟାନ ଓଲଟିବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ୨୦ଜଣ ଆହତ ହୋଇଛନ୍ତି । ମୃତକ ହେଲେ ଜେନାପାଲି ଗ୍ରାମର ସୁକଲ ପଟେଲ । ଉଷ୍ଣା ଥାନା ଅନ୍ତର୍ଗତ ଜେନାପାଲି ଗ୍ରାମରୁ ଏକ ସଂକୀର୍ତ୍ତନ ଦଳ ଝାରସୁଗୁଡ଼ା ଜିଲ୍ଲା ତାଳପତିଆକୁ କୀର୍ତ୍ତନ କରିବା ପାଇଁ ଯାଉଥିବା ସମୟରେ ଉକ୍ତ ପିକଅପ୍ ଭ୍ୟାନ ଓଲଟିଥିଲା । ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସେଲ ରାଉରକେଲା ଇସ୍ପାତ କାରଖାନାର ଆରସିଏଲ ବିଭାଗର କର୍ମଚାରୀ ପୁରସ୍କୃତ

ରାଉରକେଲା, ୫/୧ (ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନାର ଆରସିଏଲ ବିଭାଗରେ ଜାନୁୟାରୀ ୧ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୁଣବତ୍ତା ବିଭାଗର ମୁଖ୍ୟ ମହା ପ୍ରବନ୍ଧକ ଶ୍ରୀ ଆଶିଷ ଚନ୍ଦ୍ର ସରକାର ବିଭାଗର ୭ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରିବା ସହିତ ୨୫ ଜଣ ଠିକା ଶ୍ରମିକଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ସରକାର, ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକଙ୍କୁ କାର୍ଯ୍ୟସୁଜାରେ ତଥା ରାସ୍ତାରେ ସୁରକ୍ଷା ନିୟମ ଅନୁପାଳନ ସଙ୍ଗେସଙ୍ଗେ ବ୍ୟବହାରିକ ସୁରକ୍ଷା ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉପସ୍ଥିତ କର୍ମଚାରୀମାନଙ୍କୁ ଆଗଭର ହୋଇ ବିଭାଗର ଉନ୍ନତି ପାଇଁ ଯେକୌଣସି ପ୍ରସଙ୍ଗ / ପରାମର୍ଶ ଉପସ୍ଥାପନ କରିବାକୁ ପ୍ରୋତ୍ସାହିତ କରିଥିଲେ । ସାବାସ ପୁରସ୍କାର ପ୍ରଦାନ କରାଯାଇଥିବା ପ୍ରକଳ୍ପଗୁଡ଼ିକ ହେଲା ଆସିଷ୍ଟାଣ୍ଟ କେମିଷ୍ଟ ଶ୍ରୀ ରାଜେନ୍ଦ୍ରକୁମାର ଜେନା ଏବଂ ସିନିୟର ଟେକନିସିଆନ ଶ୍ରୀ ଶ୍ରୀଧର ଖାଟୁଆଙ୍କ ନେତୃତ୍ୱ ରେ ଏସଏମଏସ-୨ ଲ୍ୟାବର ଓଇଏସ ମେସିନର ପୁନରୁଦ୍ଧାର, ଆର ସି ଏଲ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅଙ୍କିତା ବିଲୁଙ୍ଗ ଏବଂ ମୁଖ୍ୟ ସେମ୍ପଲର ଶ୍ରୀ ଆର ସେଠୀ ଙ୍କ ଦ୍ୱାରା ସମ୍ପାଦିତ ଝ୴ୀଏ ;ସି[ଗି ପ୍ଲାଟ-୨ ଲ୍ୟାବକୁ ଡି ଡିଆଇ ମେସିନର ସଫଳ ସ୍ଥାନାନ୍ତରଣ ଏବଂ ଏହାର ରୂପାୟନ" ଏବଂ ବିଭାଗର ମ୍ୟାନେଜର ସୁଶ୍ରୀ ଖୁସବୁ ମିଶ୍ର, ଟେକନିସିଆନ, ଶ୍ରୀ ଘନଶ୍ୟାମ ଓଝା ଏବଂ ସିନିୟର ଟେକନିସିଆନ ଶ୍ରୀ ମଥାନ ମୁରଲାଧରଙ୍କ ଦ୍ୱାରା ଦ୍ୱିଷ୍ଟ ଫର୍ଣ୍ଣେସ-୫ ଲ୍ୟାବରେ ଆର ଏଲ ଆର ଡି ଆଇ ମେସିନର ପୁନରୁଦ୍ଧାର କାର୍ଯ୍ୟ" । ଏହି କାର୍ଯ୍ୟକ୍ରମକୁ ଆର ସି ଏଲ ବିଭାଗର ଏଜିଏମ୍ ସୁଶ୍ରୀ ନିବେଦିତା ସାମଲ ସଂଯୋଜନା କରିଥିବାବେଳେ ଆର ସି ଏଲ ବିଭାଗର ଜିଏମ ଶ୍ରୀ ଆଶିଷ ରଂଜନ ଧନ୍ୟବାଦ ଅର୍ପଣ କରିଥିଲେ ।

ସୁନ୍ଦରଗଡ଼ ଜଲେଜ ରୋଡ଼ସ୍ଥିତ ଜଣେ ବ୍ୟବସାୟୀଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି, ଏହି ଚଢ଼ଉ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲାର କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରାଯାଇଛି

ଯତରାର ଚତୁର୍ଥ ସନ୍ଧ୍ୟା

ସୁନ୍ଦରଗଡ଼, ୫/୧ (ନି/ପ୍ର): ୧୩ ତମ ଯତରା ମହୋତ୍ସବ ର ଚତୁର୍ଥ ସନ୍ଧ୍ୟା ଆଜି ବେଶ୍ ଯାକ ଯମକ ରେ ଶେଷ ହୋଇଛି । ଚତୁର୍ଥ ସନ୍ଧ୍ୟା ରେ କଳ୍ପ ଶିଳ୍ପୀ ହ୍ୟୁମାନ ସାଗର ଙ୍କ ସୁମଧୁର ରେ ଭୂମିଲେ ଦର୍ଶନ । ଚତୁର୍ଥ ଦିନ ରେ ମାନ୍ୟବର ବିଧାୟକ, ରାଜଗାଙ୍ଗପୁର ଡ଼ା. ସି. ଏସ୍. ରାଜେନ୍ ଏକ୍କା, ମାନ୍ୟବର ବିଧାୟିକା ସୁନ୍ଦରଗଡ଼ ଶ୍ରୀମତୀ କୁସୁମ ଟେଟେ, ପଦ୍ମଶ୍ରୀ ଡ. ବିଲ୍ଲୀପ ତିର୍କୀ, ସୁନ୍ଦରଗଡ଼ ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର ଏବଂ ଉପାଧକ୍ଷ ଶ୍ରୀ ଲଲାଟେନ୍ଦୁ ପରିଡ଼ା, ଏମ.ସି.ଏଲ. ବସୁଞ୍ଚରା ର ସାଧାରଣ ପ୍ରବନ୍ଧକ ଶ୍ରୀ ପାଲେ ବୁଟି ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ । ଆଜିର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପଶ୍ଚିମ ବଙ୍ଗର ପୁରୁଲିଆ ଛଉ ନୃତ୍ୟ, କଳାହାଣ୍ଡି ର ଘୁମୁରା ନୃତ୍ୟ ଏବଂ ହ୍ୟୁମାନ ସାଗର ଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଯାଇଛି । ଦର୍ଶକ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ପଲ୍ଲୀଶ୍ରୀ ମେଳା ରେ ବିଭିନ୍ନ ପ୍ରକାର ସାମଗ୍ରୀ ଆଦି ର କ୍ରୟ କରିଥିଲେ ଏବଂ ଫୁଡ୍ କୋର୍ଟ ରୁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ର ମଜା ଉଠାଇଥିଲେ । ଏହି ଅବସର ରେ ଆଜି ପଦ୍ମଶ୍ରୀ ଡ. ବିଲ୍ଲୀପ ତିର୍କୀ ଏବଂ ପୂର୍ବତନ ହକି ତାରକା ଲାକ୍ରସ ବାର୍ଲା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

AFFIDAVIT

By virtue of an affidavit before the Executive Magistrate, Panposh at Uditnagar, Rourkela`.I, ANJANA PETER, aged 52 years, Wife of JUGAL KISHOR DUNGDUNG & Daughter of Late GOODWIN PETER, resident of Vill-R.S. Colony, Kansbahal, P.S:Rajgangpur, Dist: Sundargarh, Odisha on solemn affirmation declare as under:- That my maiden name and surname is ANJANA PETER which is mentioned in my Aadhaar card, Vide No.2145 6479 2993. That in my R.C.Book bearing Regn.No.OD145048, my name and surname is ANJANA DUNGDUNG .That I am the natural daughter of GOODWIN PETER and legally married wife of JUGAL KISHOR DUNGDUNG. That by virtue of my marriage with JUGAL KISHOR DUNGDUNG, I am named and surnamed as ANJANA DUNGDUNG which is mentioned in my aforesaid R.C. Book. That the names, **ANJANA PETER** and **ANJANA DUNGDUNG** is one person, i.e. myself.

Deponent

ମିନିଟ୍ରକ୍ ଓନର ଆସୋସିଏସନ ପକ୍ଷରୁ ସଚେତନତା

ରାଉରକେଲା, ୫/୧ (ନି/ପ୍ର):ସଡ଼କ ସୁରକ୍ଷା ସପ୍ତାହକୁ ନେଇ ଆଜି ଟ୍ରାଫିକ ଟାଓ୍ୱର ନିକଟରେ ମିନିଟ୍ରକ୍ ଓନର ଆସୋସିଏସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମକ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆ. ସେ. ସି ଏ ସନ ର ପଦାଧିକାରୀମାନଙ୍କ ସହିତ ଟ୍ରାଫିକ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଲୋକଙ୍କୁ ଗାଡ଼ି ଚାଳନା ସମୟରେ ହେଲମେଟ ବ୍ୟବହାର କରିବା, ଲାର ଚଲେଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନକରିବା । ଏହି ଅବସରରେ ଆସୋସିଏସନ ପକ୍ଷରୁ ଯେଉଁ ବାଇକ ଚାଳକ ହେଲମେଟ୍ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଫୁଲ ଦିଆଯାଇଥିଲା ।

ଜଳ ସଂପଦ ବିଭାଗରେ ଯୋଗଦେଲେ ୪୪୧ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୫/୧ :ଜଳ ସଂପଦ ବିଭାଗରେ ଯୋଗଦେଲେ ୪୪୧ ସିଭିଲ ଇଞ୍ଜ । ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ କନିଷ୍ଠ ଯନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ଯେ ସମାଜର ସବୁ ବର୍ଗ ଉପରେ ଜଳସଂପଦ ବିଭାଗର ପ୍ରଭାବ ଅଛି । ୫ଟି ନୀତି ଅନୁସରଣ ସହ ଟେକ୍ନୋଲୋଜିର ପ୍ରୟୋଗ କରନ୍ତୁ । ନୂଆ ଉପାୟରେ ଗୁରୁତର ସମସ୍ୟାର ସମାଧାନ କରନ୍ତୁ ।

ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ

ରାଉରକେଲା, ୫/୧ (ନି/ପ୍ର) :ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଓଡିଶା ସରକାରଙ୍କ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦର ମିଳିତ ସହଯୋଗରେ ସ୍ଥାନୀୟ ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆ ଠାରେ ଆଞ୍ଚଳିକ କଳିଙ୍ଗ ହର୍ବଲ ମେଳା ଆଜି ଉଦଘାଟିତ ହୋଇଛି ୫ ଏହା ୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଅନୁଷ୍ଠିତ ହେବ । ରାଜ୍ୟ ଶ୍ରମ ଓ ଇ.ଏସ.ଆଇ ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁମ୍ଳାଥ ପଲ୍ଲୀ ବିଧାୟକ ଜୁଏଲ ଟପାଲ, ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦର ସି.ଇ.ଓ ସୁବିପ ନାୟକ , ରାଉରକେଲା ଆର.ସି.ସି.ଏପ ଡ଼. ଅରୁଣ କୁମାର ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ କ୍ଷ ରାଉରକେଲା ଡି.ଏଫ.ଓ ଯଶବନ୍ତ ସେଠି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସାରଦା ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟ ରେ କହିଲେ ଯେ,ଜିଲ୍ଲା ର ମୂଳ ଆଦିବାସୀ ଗଛକୁ ପୂଜା କରନ୍ତି । ସହଜାତକରେ ବୃକ୍ଷ ରୋପଣ ପାଇଁ ସରକାର ପୁଞ୍ଜି ବ୍ୟବସ୍ଥା କରିଛନ୍ତି କ୍ଷ ଭାରତୀୟ ଗଣତନ୍ତ୍ର ରେ ମହିଳା ମାନଙ୍କ ସହଭାଗିତା ଓ ସଶକ୍ତିକରଣ ଉପରେ ଓଡିଶା ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ଏହି ଅବସରରେ ବିଜିନୁ ଏସ.ଏଚ.ଜି ଓ ଅନ୍ୟ ମାନଙ୍କୁ ଅତିଥି ମାନେ ସହାୟତା ରାଶି ପ୍ରଦାନ କରିବା ସହ ପୁରସ୍କୃତ ମଧ୍ୟ କରିଥିଲେ । ଅତିଥି ମନେ ନିଜ ନିଜ ବକ୍ତବ୍ୟ ରେ କହିଲେ ଯେ ରାଜ୍ୟର କୋଣ ଅନୁକୋଣରେ ଥିବା ବୈଦ୍ୟମାନଙ୍କୁ ଉତ୍ସାହିତ କରିବା ସହ ପାରମ୍ପାରିକ ଚିକିତ୍ସା ଏବଂ ଔଷଧ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ମେଳା ଦେଶ ଉପାବେୟ । ଜନସାଧାରଣ ଆୟୁର୍ବେଦ ଔଷଧ ଓ ଏହାର ଚିକିତ୍ସା ର ସୁଯୋଗ ନେବାକୁ ସେମାନେ ଆହ୍ୱାନ କରିଥିଲେ । ଆୟୋଜନ ହେବାକୁ ଯାଉଥିବା ଏହି ମେଳା ପ୍ରତିଦିନ ସକାଳ ୬ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିବ । । ଏଥି ସହିତ ମେଳାରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି, ଔଷଧୀୟ ବୃକ୍ଷ ବିତରଣ, ସରକାରୀ ଓ ବେସରକାରୀ ସଂସ୍ଥା ସାମିଲ ହୋଇଛନ୍ତି । ମେଳା ରେ ସାମଗ୍ରୀ ବିକ୍ରି ସାଙ୍କୁ ହର୍ବାଲ ମେଳା ପ୍ରବର୍ତ୍ତିତ ହେବ । ଏହି ମେଳାରେ ବୈଦ୍ୟସମାନେ ମାଗଣାରେ ପରାମର୍ଶ ଦେବେ । ସକାଳେ ଯୋଗ ଶିକ୍ଷା ପ୍ରଦାନ କରାଯିବ । ଏହା ବ୍ୟତୀତ କ୍ରେତା ବିକ୍ରେତା ମିଟ, ବୈଦ୍ୟ ସଳିକନୀ ଓ କର୍ମଶାଳା, ଔଷଧୀୟ ବୃକ୍ଷ ପ୍ରବର୍ଦ୍ଧନୀ ଓ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି କ୍ଷ ଉଦ୍ଘାଟନୀ ଉତ୍ସବ ପରେ ସେଲିବ୍ରେଟି ସଂଙ୍ଗୀତ ମିଶ୍ର ଓ ଭୁଲିକ୍ ସ୍ୱାଙ୍କ ମଧ୍ୟ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜନ ସାଧାରଣ ଏହି ହର୍ବାଲ ମେଳା ର ସୁଯୋଗ ନେବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନା ରେ ଏସିଏଫ ସୌମ୍ୟ ରଞ୍ଜନ ଗୋଛାୟତ, ଏସିଏଫ ସାଲକିନ୍ଦର ସିଂହ, ରେଞ୍ଜ ଅଫିସର ବୃନ୍ଦ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।